ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.196, Bhubaneswar Thursday, September 12, 2019 | ୨୨ତମ ବର୍ଷ ସଂଖ୍ୟା-୧୯୬ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବଙ୍ଗୋପସାଗରରେ ଲଘୁଚାପ : ଉତର ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୧।୯(ପି.ଏନ): ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଉତର ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୭ଟି ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରୀ କରାଯାଇଥିବା ବେଳେ ୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି। ଭଦ୍ରକ , ଯାଜପୁର , ବାଲେଶ୍ୱର , କେନ୍ଦ୍ରାପଡା ,ଢେଙ୍କାନାଳ , ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରୀ କରାଯାଇଛି। ଭଦ୍ରକ , ଯାଜପୁର ଓ ବାଲେଶ୍ୱରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ଅନୁଗୁଳ , କଟକ , ଜଗତସିଂହପୁର , ଖୋର୍ଦ୍ଧା , ସୁନ୍ଦରଗଡ , ଦେବଗଡ , ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି। ଅନୁଗୁଳ , କଟକ , ଜଗତସିଂହପୁର ଓ ଖୋର୍ଦ୍ଧା ଜିଲ୍ଲାର କିଛି ସ୍ଥାନରେ ଅଧିକ ବର୍ଷିବ ।ତେବେ ସୁନ୍ଦରଗଡ , ଦେବଗଡ , ସମ୍ବଲପୁର , ଝାରସୁଗୁଡାରେ ଅପେକ୍ଷାକୃତ କମ୍ ବର୍ଷା ହେବ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ୧୪ ତାରିଖ ପରେ ବର୍ଷାର ପରିମାଣ କମିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ମହାନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ତଳ ମୁଣ୍ଡରେ ଥିବା ବାଙ୍କୀର ବିଲିପଡା , ତାଳପଡା , ବୈଦେଶ୍ୱରରେ ବହୁ ଚାଷଜମି ଜଳମଗ୍ନ ହୋଇଯାଇଛି। ଗତରାତିରେ ମହାନଦୀର ନିଷ୍କାସିତ ଜଳ ଶୁଖୁଆଖଳା ରେ ପ୍ରବେଶ କରିଛି। ବାଙ୍କୀର ତଳିଆ ଅଂଚଳ ଜଳ ଘେର ମଧ୍ୟରେ ରହିଛି । ଲୋକମାନେ ପରିବାର ସହ ସୁରକ୍ଷିତ ଜାଗାକୁ ଚାଲିଯାଇଛନ୍ତି। ତେବେ ସେମାନଙ୍କ ନିକଟରେ ବର୍ତମାନ ସୁଦ୍ଧା ପ୍ରଶାସନ ପହଂଚିନଥିବା ସେମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଦୟା ନଦୀ ଫୁଲିବାରେ ଲାଗିଛି। ପୁରୀର କଣାସ ଗ୍ରାମରେ ମଧ୍ୟ ଜଳ ମଗ୍ନ ଅବସ୍ଥା ଦେଖାଦେଇଛି। ଖୋର୍ଦ୍ଧାର ରାଜୁଆ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଦ୍ୱାରା ୧୫ ଟି ଗ୍ରାମ ପ୍ରଭାବିତ ହୋଇଛି।

## ପୋଲିସ୍ ଏନକାଉଂଟରରେ ବୁଦ୍ଧିଆ ଆହତ

ଭୁବନେଶ୍ୱର,୧୧।୯(ପି.ଏନ): କଟକର ଦୁର୍ଦ୍ଦାନ୍ତ ଅପରାଧୀ ବୁଦ୍ଧିଆ ଦାସ ଏନକାଉଂଟରରେ ଆହତ ହୋଇଛି। କଟକର ଏସସିବି ମେଡିକାଲ କଲେଜରେ ଭର୍ତି କରାଯାଇଛି। ବୁଦ୍ଧିଆ ସିଡିଏ ସେକ୍ଟର-୧୩ ଅଂଚଳରେ ଥିବା ଖବର ପାଇ ପୋଲିସ୍ ଗତକାଲି ବିଳମ୍ବିତ ରାତିରେ ଚଢାଉ କରିଥିଲା।ବୁଦ୍ଧିଆକୁ ପୋଲିସ୍ ଧରିବାକୁ ଉଦ୍ୟମ କଲାବେଳେ ସେ ଚକମା ଦେଇ ଖସି ଯିବାକୁ ଚେଷ୍ଟା କରିଥିଲା। ଏହାପରେ ସେ ପୋଲିସ୍ ଉପରକୁ ଗୁଳିଚାଳନା କରିବାରୁ ପୋଲିସ୍ ଏହାର ପାଲଟା ଜବାବ ଦେଇଥିଲା। ପୋଲିସ୍ ଗୁଳିରେ ବୁଦ୍ଧିଆ ଆହତ ହୋଇଥିଲ। ସେହିପରି ଏସବୁରେ ଜଣେ ପୋଲିସ୍ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ପୋଲିସ ତାଠାରୁ ଗୋଟିଏ ବନ୍ଧୁକ ଓ ୨ଟି ଗୁଳି ଜବତ କରିଛି। ବୁଦ୍ଧିଆ ନାମରେ ଥାନାରେ ହତ୍ୟା ଉଦ୍ୟମ ଓ ଡକାୟତି ଭଳି ୩୦ରୁ ଅଧିକ ମାମଲା ରହିଛି। ପୋଲିସ ତାଠାରୁ ଗୋଟିଏ ବନ୍ଧୁକ ଓ ୨ଟି ଗୁଳି ଜବତ କରିଛି। ବୁଦ୍ଧିଆ ଗ୍ୟାଙ୍ଗଷ୍ଟାର ଟିଟୋର ସହଯୋଗୀ ଥିଲା।

### ଝାରସୁଗୁଡାରୁ ଆଉ ୨ ଟି ସହରକୁ ଉଡିବ ବିମାନ

ଭୁବନେଶ୍ୱର,୧୧।୯(ପି.ଏନ): ଝାରସୁଗୁରଡା ବିମାନଘାଟିରୁ ଆଉ ଦୁଇଟି ସହରକୁ ବିମାନ ଉଡିବ। ଏଣିକି ଯାତ୍ରୀମାନେ ଝାରସୁଗୁଡାରୁ କୋଲକାତା ଓ ବାଙ୍ଗାଲୋର ଯାଇପାରିବେ । ବର୍ତମାନ ଝାରସୁଗୁଡାରୁ ୫ ଟି ସହରକୁ ବିମାନ ଚଳାଚଳ କରୁଛି। ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ଏନେଇ ସୂଚନା ଦେଇଛନ୍ତି। ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଂଚଳିକ ବିମାନ ଯୋଗାଯୋଗ ବୈଠକରେ ଏହି ନିଷ୍ପତି ହୋଇଛି।

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ଭାବେ ନିଯୁକ୍ତ ହେଲେ ପିକେ ସିହ୍ନା

ଭୁବନେଶ୍ବର,୧୧।୯(ପି.ଏନ): ସମ୍ପ୍ରତି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଏସଡି ଭାବେ କାର୍ଯ୍ୟ କରୁଥିବା ଶ୍ରୀ ପିକେ ସିହ୍ନା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଛନ୍ତି।ଜୁନ ୧୩, ୨୦୧୫ରୁ ଅଗଷ୍ଟ ୩୦, ୨୦୧୯ ମଧ୍ୟରେ ଶ୍ରୀ ସିହ୍ନା କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେ ଉତର ପ୍ରଦେଶ କ୍ୟାଡରର ୧୯୭୭ ବ୍ୟାଚର ଆଇଏଏସ ଅଧିକାରୀ। ତାଙ୍କ କ୍ୟାରିଅରରେ ସେ ଶକ୍ତି ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିଛନ୍ତି। ସେ ମଧ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଂଟ ଷ୍ଟିଫେନ୍ସ କଲେଜରେ ସେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରେ ସେ ଅର୍ଥନୀତିରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଚାକିରିରେ ଥିବା ସମୟରେ ସେ ମଧ ପବ୍ଲିକ ଆଡମିନଷ୍ଟ୍ରେସନରେ ମାଷ୍ଟର୍ସ ଡିପ୍ଲୋମା ଏବଂ ସମାଜ ବିଜ୍ଞାନରେ ଏମଫିଲ ଡିଗ୍ରୀ ହାସଲ କରିଥିଲେ। ଆଇଏଏସ ଭାବେ ତାଙ୍କ ଦୀର୍ଘ କ୍ୟାରିଅରରେ ଶ୍ରୀ ସିହ୍ନା ଉଭୟ ଉତର ପ୍ରଦେଶ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦ-ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି।ଶ୍ରୀ ସିହ୍ନା ଜଉନପୁର, ଆଗ୍ରାର ଜିଲ୍ଲା ମାଜିଷ୍ଟ୍ରେଟ, ବାରାଣସୀର କମିଶନର, ସଚିବ (ପ୍ଲାନିଂ) ଓ ପ୍ରମୁଖ ସଚିବ (ଜଳସେଚନ) ଆଦି ପଦରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। କେନ୍ଦ୍ର ସରକାରରେ ମୁଖ୍ୟତଃ ଶକ୍ତି ଓ ଭିତିଭୂମି କ୍ଷେତ୍ରରେ ଯେପରିକି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଶକ୍ତି ମନ୍ତ୍ରଣାଳୟ ଏବଂ ଜାହାଜ ଚଳାଚଳ ମନ୍ତ୍ରଣାଳୟରେ ସେ ଅନେକ ବର୍ଷ ଧରି କାର୍ଯ୍ୟ କରିଛନ୍ତି।

## ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ



ଭୁବନେଶ୍ୱର,୧୧।୯(ପି.ଏନ): ସ୍ୱଚ୍ଛ ପରିବେଶ ବିକାଶ ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ବର୍ଜ୍ୟର ଉପଯୁକ୍ତ ପରିଚାଳନା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ଅସୀତ ତ୍ରିପାଠୀ ଗୁରୁତ୍ୱ ଆରୋପ କରିଛନ୍ତି । ଏଥି ପାଇଁ ଆଜି ରାଜ୍ୟ ଲୋକସେବା ଭବନଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ବର୍ତମାନର ସ୍ଥିତି ଅନୁଧ୍ୟାନ କରି ପ୍ଲାଷ୍ଟିକ ବର୍ଜ୍ୟର ଉପଯୁକ୍ତ ପରିଚାଳନା ଏବଂ ପୁନଃବ୍ୟବହାର ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ବ୍ୟବହାର ବଢ଼ାଇବା ପାଇଁ ଏହାର ବୈଷୟିକ, ଆର୍ଥିକ ଏବଂ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ସବିଶେଷ କାର୍ଯ୍ୟପନ୍ଥା ଏବଂ ଗାଇଡ୍ ଲାଇନ୍ ପ୍ରସ୍ତୁତ କରିବାକୁ ପୂର୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ରାସ୍ତା ନିର୍ମାଣ ପ୍ରକଳ୍ପର ଦର ତାଲିକା ସୂଚକଙ୍କ (ସିଡୁଲ୍ ଅଫ୍ ରେଟ୍)ରେ ଅନ୍ତର୍ଭୁକ୍ତ କରିବା ସହ ବାର୍ଷିକ କେତେ ପରିମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟ ରାସ୍ତା ନିର୍ମାଣରେ ବ୍ୟବହାର ହୋଇ ପାରିବ ତାର ଆକଳନ କରିବାକୁ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତା ନିର୍ମାଣରେ ପ୍ରୟୋଗ ନିମନ୍ତେ ପ୍ଲାଷ୍ଟିକ୍‌ର ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାକରଣ ଆବଶ୍ୟକ। ଏହି ପ୍ରକ୍ରିୟାରେ ପ୍ଲାଷ୍ଟିକ୍‌କୁ ଟୁକୁରା ଟୁକୁରା ଖଣ୍ଡ କରାଯାଇ ପିଚୁରେ ମିଶିବାଭଳି ରୂପାନ୍ତରିତ କରାଯାଏ। ଏଥି ପାଇଁ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା କରିବା ନିମନ୍ତେ ଓଡ଼ିଆ ଯୁବକ ଯୁବତୀମାନଙ୍କୁ ପ୍ରୋତ୍ସାହନ ଦିଆଯିବାକୁ ବୈଠକରେ ସ୍ଥିର ହୋଇଥିଲା । ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ଏବଂ ସମ୍ଭାବ୍ୟ ଉଦ୍ୟୋଗୀମାନଙ୍କୁ ପ୍ରାମାଣିକ କ୍ଷେତ୍ର ପରିଦର୍ଶନରେ (ଏକ୍ସପୋଜର ଭିଜିଟ୍) ନେବା ପାଇଁ ମୁଖ୍ୟ ଶାସନ ସଚିବ ବୈଠକରେ ଉପସ୍ଥିତ ଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମାଙ୍କୁ ପରାମର୍ଶ ଦେଇଥିଲେ । ଏପରି ଉଦ୍ୟୋଗ ପ୍ରଧାନମନ୍ତ୍ରୀ ନିଶ୍ଚିତ ନିଯୁକ୍ତି କାର୍ଯ୍ୟକ୍ରମ ( ପି.ଏମ୍.ଇ.ଜି.ପି.) ରେ ପ୍ରତିଷ୍ଠା କରାଯାଇପାରିବ ବୋଲି ଶ୍ରୀ ଶର୍ମା ଜଣାଇଥିଲେ । ଗ୍ରାମାଂଚଳରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ପଂଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ମାଧ୍ୟମରେସଂଗ୍ରହ କରାହେବ। ସଂଗୃହିତ ପ୍ଲାଷ୍ଟିକ୍ ନିର୍ଦ୍ଧାରିତ ସ୍ଥାନ ମାନଙ୍କରେ ନଗର ଓ ଗୃହ ଉନ୍ନୟନ ବିଭାଗଙ୍କୁ ହସ୍ତାନ୍ତର କରାଯିବ। ତାପରେ ସେଗୁଡିକର ବର୍ଗୀକରଣ କରାଯାଇ ରାସ୍ତା ନିର୍ମାଣ ଏବଂ ସିମେଂଟ ପ୍ରସ୍ତୁତିରେ ପୁନଃବିନିଯୋଗର ବ୍ୟବସ୍ଥା କରାଯିବ । ୫୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ ବ୍ୟାଗ୍, କ୍ୟାରି ବ୍ୟାଗ,ବୋତଲ, ପ୍ୟାକିଂ ଦ୍ରବ୍ୟ ଥର୍ମୋକୋଲ ପ୍ରସ୍ତୁତ ସାଜସଜ୍ଜା ସାମଗ୍ରୀ ଆଦିର ଉତ୍ପାଦନ ଓ ବ୍ୟବହାରକୁ ପୂର୍ଣ୍ଣ ଭାବେ ନିୟନ୍ତ୍ରିତ କରିବା ନିମନ୍ତେ ଏ ସମ୍ବନ୍ଧିତ ନିୟମ ଗୁଡିକୁ କ୍ଷେତ୍ରସ୍ତରରେ କଡାକଡି ଭାବେ ଲାଗୁ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଜଙ୍ଗଲ ଓ ପରିବେଶବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ପ୍ରାପ୍ତ ସୂଚନାରୁ ଜଣାପଡିଛି, ରାଜ୍ୟର ୧୧୪ ଟି ସହରାଂଚଳ ଅନ୍ତର୍ଗତ ୨୦୨୪ ୱାର୍ଡରୁ ଦୈନିକ ପ୍ରାୟ ୧୫୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବାହାରୁଛି । ରାସ୍ତା ନିର୍ମାଣ ଏବଂ ସିମେଂଟ୍ କାରଖାନାରେ ଏହାର ପୁନଃବିନିଯୋଗ କରାଗଲେ ପ୍ଲାଷ୍ଟିକ୍ ଯୋଗୁ ସୃଷ୍ଟି ହେଉଥିବା ପରିବେଶ ସମସ୍ୟାର ଅନେକ ପରିମାଣରେ ସମାଧାନ ହୋଇପାରିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ମାଥିଭାଥାନନ୍, ଜଙ୍ଗଲ ଓ ପରିବେଶବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ ମୋନା ଶର୍ମା, ପଂଚାୟତିରାଜ ବିଭାଗ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମାଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଗ୍ରହଣ କଲେ ଓଡିଆ ଆଇଏଏସ୍ ପି କେ ମିଶ୍ର

ଭୁବନେଶ୍ୱର, ୧୧।୯(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ ଡଃ ପ୍ରମୋଦ କୁମାର ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିଲେ । ନୃପେନ୍ଦ୍ର ମିଶ୍ରଙ୍କ ଅବସର ପରେ ଓଡିଆ ଆଇଏଏସ୍ ପ୍ରମୋଦ କୁମାର ମିଶ୍ର ଏହି ଦାୟିତ୍ୱ ନେଇଛନ୍ତି। ସମ୍ବଲପୁର ବାସିନ୍ଦା ଶ୍ରୀ ମିଶ୍ର ହେଉଛନ୍ତି ୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍। ପିକେ ମିଶ୍ର ପୂର୍ବରୁ ଗୁଜରାଟ ସରକାରଙ୍କ ସହିତ କାମ କରି ସାରିଛନ୍ତି। ପ୍ରଶାସନ କ୍ଷେତ୍ରରେ ତାଙ୍କର ଅଗାଧ ଅନୁଭୂତି ରହିଛି। ବିଶେଷ କରି କୃଷି, ବିପର୍ଯ୍ୟୟ ପରିଚାଳନା, ଶକ୍ତି କ୍ଷେତ୍ର, ଭିତିଭୂମି ପାଇଁ ପୁଞ୍ଜି ଲଗାଣ ଏବଂ ନିୟାମକ ପ୍ରସଙ୍ଗ ଉପରେ ତାଙ୍କର ବ୍ୟାପକ ପରିଚାଳନାଗତ ଦକ୍ଷତା ରହିଛି। ଏହାଛଡା ତାଙ୍କର ଦୀର୍ଘ କ୍ୟାରିଅର ମଧ୍ୟରେ ନୀତି ନିର୍ଦ୍ଧାରଣ, କାର୍ଯ୍ୟକ୍ରମ ରୂପାୟନ, ପ୍ରକଳ୍ପପରିଚାଳନା ସହିତ ଗବେଷଣା ଏବଂ ଗବେଷଣା ଲବ୍ଧ ଜ୍ଞାନର ପ୍ରକାଶନ ମାଧ୍ୟମରେ ସେ ସ୍ୱତନ୍ତ୍ର ଜନ ପରିଚୟ ପାଇଛନ୍ତି। ନୀତି ନିର୍ଦ୍ଧାରଣ ଓ ଉତମ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ଅନୁଭୂତି ଯୋଗୁ ଡଃ ମିଶ୍ରଙ୍କୁ ଭାରତ ସରକାରଙ୍କ ଅନେକ ମନ୍ତ୍ରଣାଳୟରେ ଉଚ୍ଚ ପଦ-ପଦବୀରେ କାର୍ଯ୍ୟ କରିବାର ଦକ୍ଷତା ରହିଛି। ସେଥିମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ, କୃଷି ଓ ସମବାୟ ମନ୍ତ୍ରଣାଳୟର ସଚିବ, ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗର ଅଧକ୍ଷ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରର ପଦଭାର ଅନ୍ୟତମ। କୃଷି ଓ ସମବାୟ ମନ୍ତ୍ରଣାଳୟର ସଚିବ ଭାବେ ସେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏବଂ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ମିଶନ ଆରମ୍ଭ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୨୦୧୪ରୁ ୨୦୧୯ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ଭାବେ ଡଃ ମିଶ୍ର ମାନବ ସମ୍ବଳ ପରିଚାଳନା ବିଶେଷକରି ବରିଷ୍ଠ ପଦ-ପଦବୀରେ ନିଯୁକ୍ତି କ୍ଷେତ୍ରରେ ଅଭିନବ ଓ ସଂସ୍କାରମୂଳକ ପରିବର୍ତନ ଆଣିଛନ୍ତି।ଆନ୍ତର୍ଜାତିକ ସ୍ତରରେ ମଧ ତାଙ୍କର ଅନେକ ଗବେଷଣାତ୍ମକ ଓ ପ୍ରଶାସନିକ ଅନୁଭୂତି ରହିଛି। ବ୍ରିଟେନର ଇନଷ୍ଟିଚ୍ୟୁଟ ଅଫ ଡେଭଲପମେଂଟ ଷ୍ଟଡିଜରେ ସେ ୪ ବର୍ଷ ଶୈକ୍ଷିକ ଓ ଗବେଷଣାତ୍ମକ କାର୍ଯ୍ୟ କରିଛନ୍ତି।ଏହାଛଡା ତାଙ୍କର ଅନେକ ବିଶ୍ୱବ୍ୟାଙ୍କ ଓ ଏସୀୟ ଉନ୍ନୟନ ବ୍ୟାଙ୍କ ପ୍ରକଳ୍ପ ଲାଗି ବୁଝାମଣା ଓ ସେଗୁଡିକର ଫଳପ୍ରଦ କାର୍ଯ୍ୟାନ୍ୱୟନ, ଆନ୍ତର୍ଜାତିକ ସେମି-ଏରିଡ ଟ୍ରପିକ୍ସ ଶସ୍ୟ ଗବେଷଣା ପ୍ରତିଷ୍ଠାନର ପରିଚାଳନା ବୋର୍ଡର ସଦସ୍ୟ ଏବଂ ବିଭିନ୍ନ ଆନ୍ତର୍ଜାତିକ ସମ୍ମିଳନୀରେ ବିଶେଷଜ୍ଞ ହିସାବରେ ଭାଗ ନେବାର ଅନୁଭୂତି ରହିଛି। ସମ୍ପ୍ରତି ଡଃ ମିଶ୍ରଙ୍କୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୨୦୧୯ ମସିହାର ଜାତିସଂଘ ସାସାକାୱା ପୁରସ୍କାରରେ ସମ୍ମାନିତ କରାଯାଇଛି। ଡଃ ମିଶ୍ର ୧୯୭୦ ମସିହାରେ ତତକାଳୀନ ଗଙ୍ଗାଧର ମେହେର କଲେଜ (ସମ୍ବଲପୁର ବିଶ୍ୱବିଦ୍ୟାଳୟ)ରୁ ଅର୍ଥନୀତି ବିଷୟରେ ସ୍ନାତକ (ଅନର୍ସ) ପାଠ୍ୟକ୍ରମରେ ପ୍ରଥମଶ୍ରେଣୀରେ ଉତୀର୍ଣ୍ଣ ହେବା ସହ ଅନ୍ୟାନ୍ୟ ବିଷୟରେ ଡିଷ୍ଟିଙ୍କସନ୍ ରଖିଥିଲେ। ସେତେବେଳେ ଓଡିଶାର ସବୁ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେବାରେ ସେ ପ୍ରଥମ ଛାତ୍ର ଥିଲେ। ସମ୍ବଲପୁରରୁ କଲେଜ ଶିକ୍ଷା ସାରି ସେ ଦିଲ୍ଲୀ ସ୍କୁଲ ଅଫ ଇକୋନମିକ୍ସରୁ ଅର୍ଥନୀତିରେ ପ୍ରଥମଶ୍ରେଣୀ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଡଃ ମିଶ୍ର ସସେକ୍ସ ବିଶ୍ୱବିଦ୍ୟାଳୟରୁ ଡେଭଲପମେଂଟ ଇକୋନମିକ୍ସରେ ସ୍ନାତକୋତର ଡିଗ୍ରୀ ପାଇ ସେଠାରେ ପିଏଚଡି କରିଥିଲେ।

## ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ସଂସ୍କୃତି ଅଧିକାରୀମାନେ ନେତୃତ୍ୱ ନିଅନ୍ତୁ:ସଂସ୍କୃତି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ



ଭୁବନେଶ୍ୱର, ୧୧।୯(ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ହେଉଛି ଓଡ଼ିଶାର ପ୍ରମୁଖ ପରିଚୟ ଓ ଏହି କ୍ଷେତ୍ରରେ ନେତୃତ୍ୱ ନେବା ନିମନ୍ତେ ସଂସ୍କୃତି ଅଧିକାରୀମାନେ ନିଷ୍ଠାପର ଉଦ୍ୟମ କରିବାକୁ ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଅଧିକାରୀମାନଙ୍କୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ୫ ଟି ମନ୍ତ୍ରରେ ଅନୁପ୍ରେରିତ ହେବାକୁ କହିଛନ୍ତି। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା କଳାସଂସ୍କୃତି ସଂଘର କର୍ମକର୍ତାମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ କହିଲେ ଯେ, ରାଜ୍ୟ ସରକାର ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ନାଟ୍ୟ ମଣ୍ଡପର ନିର୍ମାଣ ନିମନ୍ତେ ବିଚାର କରୁଛନ୍ତି। ଏହାସହିତ ଐତିହ୍ୟସ୍ଥଳୀଗୁଡ଼ିକର ସୁରକ୍ଷା ନିମନ୍ତେ ବିଭାଗ ଗୁରୁତ୍ୱ ଆରୋପ କରିଛି। ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ ସଂସ୍କୃତି ଅଧିକାରୀମାନେ ନିଜ ନିଜର ଅଭିନବତ୍ୱ ପ୍ରତିପାଦନ ସହିତ ଟେକ୍ନୋଲୋଜିର ଉପଯୋଗ କରି ବିବିଧ କାର୍ଯ୍ୟାନ୍ୱୟନର ମାର୍ଗ ପ୍ରସ୍ତୁତ କରିବାକୁ ମନ୍ତ୍ରୀ କହିଥିଲେ। ଯଥାର୍ଥ ନିଷ୍ଠା ଓ ଶୃଙ୍ଖଳାର ସହିତ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କଲେ ସମୀକ୍ଷାର ଆବଶ୍ୟକତା ରହିବ ନାହିଁ ବୋଲି ଦର୍ଶାଇ ମନ୍ତ୍ରୀ କହିଲେ ଯେ ସଂସ୍କୃତି ଅଧିକାରୀମାନେ ନିଜ ନିଜର ଅଭିନବତ୍ୱ ପ୍ରତିପାଦନ ସହିତ ଟେକ୍ନୋଲୋଜିର ଉପଯୋଗ କରି ବିବିଧ କାର୍ଯ୍ୟାନ୍ୱୟନର ମାର୍ଗ ପ୍ରସ୍ତୁତ କରିବାକୁ ମନ୍ତ୍ରୀ କହିଥିଲେ। ଯଥାର୍ଥ ନିଷ୍ଠା ଓ ଶୃଙ୍ଖଳାର ସହିତ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କଲେ ସମୀକ୍ଷାର ଆବଶ୍ୟକତା ରହିବ ନାହିଁ ବୋଲି ଦର୍ଶାଇ ମନ୍ତ୍ରୀ କହିଲେ ଯେ ସଂସ୍କୃତି ଅଧିକାରୀମାନଙ୍କ ନିମନ୍ତେ ବିଭାଗ ପକ୍ଷରୁ ବୃତିଗତ ପ୍ରଯତ୍ନ ଓ ବ୍ୟବହାରିକ ସଫଳତାକୁ ଦୃଷ୍ଟିରେ ରଖି ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବୈଠକରେ ବିଭିନ୍ନ ଜିଲ୍ଲାରୁ ଆଗତ ସଂସ୍କୃତି ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ରୂପାୟନ ବାବଦରେ ତଥ୍ୟ ପ୍ରଦାନ କରିଥିଲେ। ବିଶେଷକରି ଭାଗବତ ଟୁଙ୍ଗୀର ପୁନରୁଦ୍ଧାର, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ଅଗ୍ରଗତି, କଳା ସଂସ୍କୃତି ସଂଘଗୁଡ଼ିକର କାର୍ଯ୍ୟକ୍ରମ ଏବଂ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଉପରେ ବିସ୍ତୃତ ବିବରଣୀ ସଂଗ୍ରହ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସମାରୋହ ପାଳନ ଅବସରରେ ଦୁଇବର୍ଷ ଧରି ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗାନ୍ଧୀରଚନା ବିତରଣ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଶୋଭାଯାତ୍ରା, ଶିଳ୍ପୀ ଶିବିର, ସ୍ୱଚ୍ଛ ଓଡ଼ିଶା ଅଭିଯାନ, ବୃକ୍ଷରୋପଣ, ମାର୍ଗ ଓ ଉଦ୍ୟାନ ନାମକରଣ, ସର୍ବଧର୍ମ ପ୍ରାର୍ଥନା ଓ ରାମଧୂନ୍ ଏବଂ ସଭାସମିତି ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଚି ବୋଲି ବୈଠକରେ ଅଧିକାରୀମାନେ ସୂଚନା ଦେଇଥିଲେ। ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ରହି ସଂସ୍କୃତି ଅଧିକାରୀମାନେ ବିଭିନ୍ନ ଯୋଜନାର ସଫଳତା ନିମନ୍ତେ ସେମାନଙ୍କର ଆନ୍ତରିକତା ଓ ଲୋକାଭିମୁଖୀ ନିଷ୍ଠାକୁ ପ୍ରମାଣିତ କରିବାରେ ହିଁ ଭାଷା, ସାହିତ୍ୟ ଓ ସଂସ୍କୃତିର ବ୍ୟାପକ ଅଭିବୃଦ୍ଧି ହୋଇପାରିବ ବୋଲି କହିବା ସହିତ ପ୍ରତି ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ଶ୍ରୀମତୀ ସଂଘମିତ୍ରା ଶତପଥୀ ଏବଂ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମନସ୍ୱିନୀ ସାହୁଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଦାୟିତ୍ୱ ଗ୍ରହଣ କଲେ ଗଣମାଧ୍ୟମ ଓ ଲୋକସଂପର୍କ ଉପଦେଷ୍ଟା

ଭୁବନେଶ୍ୱର,୧୧।୯(ପି.ଏନ): ବୁଧବାର ପୂର୍ବାହ୍ନରେ ମାନସ ରଂଜନ ମଙ୍ଗରାଜ ଗଣମାଧ୍ୟମ ଓ ଲୋକ ସମ୍ପର୍କ ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ତାଙ୍କର ଦାୟିତ୍ୱଗ୍ରହଣ ପତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗକୁ ଗସ୍ତ କରିଥିଲେ । ବିଭାଗ ତରଫରୁ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର , ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ. ଲେଲିନ୍ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବିପିନି ବିହାରୀ ବାରିକିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କ ତରଫରୁ ଶ୍ରୀ ମଙ୍ଗରାଜଙ୍କୁ ସାଦର ସ୍ୱାଗତ କରାଯାଇଥିଲା । ଆଲୋଚନା ସମୟରେ ଉପଦେଷ୍ଟା ଶ୍ରୀ ମଙ୍ଗରାଜ ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ସେ ନିଜେ ଯତ୍ନବାନ ହେବା ସଙ୍ଗେ ସଙ୍ଗେ ଏଥିପାଇଁ ବିଭାଗୀୟ କର୍ମକର୍ତା ଓ ଅଧିକାରୀମାନଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ଲୋକ ସଂପର୍କ, ସମ୍ବାଦପତ୍ର ସଂସ୍ଥା ଓ ସଂବାଦ ପତ୍ରର ପ୍ରତିନିଧି ଏବଂ ସମସ୍ତ ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରି ୫-ଟି ଆଧାରରେ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

## ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ହଟାଯିବା ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିବ ବିଜେପି

ଭୁବନେଶ୍ୱର, ୧୧।୯(ପି.ଏନ): ରାଷ୍ଟ୍ରର ଏକତାରେ ବାଧା ସୃଷ୍ଟି କରିଥିବା ଜାମ୍ମୁ କାଶ୍ମୀରର ଧାରା ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦ କରିବା ପାଇଁ ନେଇଥିବା ନିଷ୍ପତି ଏବେ ସାରା ଦେଶ ପାଇଁ ଏକ ଐତିହାସିକ ନିଷ୍ପତି । ଏହି ଅବସରରେ ବିଜେପି ସାରା ଦେଶରେ ରାଷ୍ଟ୍ରୀୟ ଏକତା ଅଭିଯାନ ପାଳିବ । ଓଡିଶାର ସମସ୍ତ ୩୦ଟି ଜିଲ୍ଲାରେ ଧାରା ୩୭୦ ଉପରେ ଦଳ ପକ୍ଷରୁ ବୁଦ୍ଧିଜୀବି ସମ୍ମିଳନୀ କରାଇ ଧାରା ୩୭୦ ବିଷୟରେ ଲୋକମାନଙ୍କ ସହ ଆଲୋଚନା କରାଯିବ। ସେହିପରି ଏକ ରାଜ୍ୟସ୍ତରୀୟ ସମ୍ମିଳନି ମଧ୍ୟ କରାଯିବ। ଏଥି ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟରେ ଉପ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜାମ୍ମୁ କାଶ୍ମୀରରୁ କେନ୍ଦ୍ର ସରକାର ଧାରା ୩୭୦କୁ ହଟାଇଲା ପରେ ରାଷ୍ଟ୍ରୀୟ ଏକତା ଅଭିଯାନ ସାରା ଦେଶ ଏକ ଐତିହାସିକ ନିଷ୍ପତି ନେଇଛି। ଏପରି ଏକ ବ୍ୟବସ୍ଥା ଯାହା କାରଣରୁ ଜାମ୍ମୁ-କାଶ୍ମୀର ଓ ଲଦାଖର ଭାଇ-ଭଉଣୀ ମାନେ ସେମାନଙ୍କ ଅଧିକାରରୁ ବଂଚିତ ହୋଇଥିଲେ। ଯାହା ସେମାନଙ୍କ ବିକାଶରେ ବଡ ବାଧକ ଥିଲା, ତାହା ଏବେ ଦୂର ହୋଇଛି। ଯେଉଁ ସ୍ୱପ୍ନର ସର୍ଦ୍ଦାର ପଟେଲଙ୍କର ଥିଲା, ବାବା ସାହେବ ଆମ୍ବେଦକରଙ୍କର ଥଲା, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଥିଲା, ଅଟଳ ଜୀ ଏବଂ କୋଟି କୋଟି ଦେଶଭକ୍ତଙ୍କର ଥିଲା ତାହା ଏବେ ପୂରଣ ହୋଇଛି। ଜାମ୍ମୁ-କାଶ୍ମୀର ଏବଂ ଲଦାଖରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ଏବେ ଦେଶର ସମସ୍ତ ନାଗରିକମାନଙ୍କର ଅଧିକାର ମଧ ସମାନ, ଦାୟିତ୍ୱ ମଧ ସମାନ। ଅନୁଚ୍ଛେଦ ୩୭୦ ଏବଂ ୩୫-ଏ ଜାମ୍ମୁ-କାଶ୍ମୀରକୁ ବିଚ୍ଛିନ୍ନତାବାଦ, ଆତଙ୍କବାଦ ପରିବାରବାଦ ଏବଂ ବ୍ୟବସ୍ଥାରେ ବ୍ୟାପକ ପରିମାଣରେ ବ୍ୟାପିଥିବା ଭ୍ରଷ୍ଟାଚାର ବ୍ୟତୀତ କିଛି ଦେଇନାହିଁ।

## ରାଜନେତାଙ୍କ ଭିତରେ ଛକାପଞ୍ଝା : ନାହିଁ ଡ୍ରେନେଜ ବ୍ୟବସ୍ଥା, ଗାଁ ଦାଣ୍ଡରେ ଜମି ରହୁଛି ବର୍ଷା ପାଣି , ଦୁର୍ଗନ୍ଧରେ ଫାଟୁଛି ଗାଁ ପରିବେଶ

ଭଦ୍ରକ, ୧୧।୯(ପି.ଏନ): ଗାଁରେ ନାହିଁ ଡ୍ରେନେଜ ବ୍ୟବସ୍ଥା । ତେଣୁ ଅସରାଏ ବର୍ଷା ହେଲେ ବର୍ଷା ପାଣି ନିଷ୍କାସନ ନହୋଇପାରି ଦୀର୍ଘ ଦିନ ଧରି ଜମି ରହୁଛି। ସେହି ପାଣିରେ ଗାଁର ପିଲାଠୁ ବୟସ୍କ ସମସ୍ତେ ପଶି କରୁଛନ୍ତି ଯାଆସ । ଅନ୍ୟପଟେ ବର୍ଷାପାଣି ଜମି ରହି ସୃଷ୍ଟି କରୁଛି ଦୁର୍ଗନ୍ଧମୟ ପରିବେଶ । ବାରମ୍ବାର ଦାବି ପରେ ଗାଁରେ ଡ୍ରେନ ନିର୍ମାଣ ହୋଇପାରୁନଥିବା ଅଭିଯୋଗ କରିଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତର ଭୂଇଁପୁର ଗ୍ରାମବାସୀ। ଗାଁ ଦାଣ୍ଡରେ ଲହଡି ମାରୁଛି ବର୍ଷା ପାଣି । ସତେ ଯେମିତି ଲାଗୁଛି ଗାଁ ଭିତରକୁ ପଶି ଆସିଛି ବନ୍ୟା ପାଣି । ଏହି ପାଣି ଭିତରେ ପଶି ଯାଆସ କରୁଛନ୍ତି ସ୍କୁଲ ପିଲାଠୁ ଆରମ୍ଭ କରି ବୟସ୍କ ଲୋକ ଯାଏ । ଏମିତିକା ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତର ଭୂଇଁପୁର ଗାଁରେ । ଗାଁରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏମିତିକା ସମସ୍ୟା ସୃଷ୍ଟି ହୋଇଥିବାର ଅଭିଯୋଗ କରିଛନ୍ତି ଗାଁ ଲୋକେ । ବାରମ୍ବାର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବ୍ଲକର ବିଡିଓ ଓ ସ୍ଥାନୀୟ ସରପଂଚଙ୍କୁ ଏ ବାବଦରେ ଜଣାଯାଉଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନଥିବା ଅଭିଯୋଗ କରିଛନ୍ତି ଗାଁର ଜନାର୍ଦ୍ଦନ ବିଶ୍ୱାଳ ,ରଙ୍ଗଲତା ବିଶ୍ୱାଳ.। ଏହି ଗାଁରେ ବସବାସ କରନ୍ତି ପାକାପାକି ୮ଶହ ଲୋକେ । ଗାଁ ଭିତରେ ଚକାଚକ ଢଳେଇ ରାସ୍ତା । ହେଲେ ଗାଁରେ ନାହିଁ ଡ୍ରେନେଜ ବ୍ୟବସ୍ଥା । ଫଳରେ ବର୍ଷା ଦିନ ତମାମ ଏପରିଭାବେ ପାଣି ଜମି ରହେ ଗାଁ ଦାଣ୍ଡରେ । ପାଣି ନିଷ୍କାସନ ନହୋଇପାରି ଜମିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବାର ଅଭିଯୋଗ କରିଛନ୍ତ୍ ଗାଁ ଲୋକେ । ତାହାସହ ପାଣି ଭିତରେ ପଶି ଯାଆସ କରିଲେ ଗୋଡ କୁଣ୍ଡାଇବା ହେବା ସହ ବିଭିନ୍ନ ପ୍ରକାରର ରୋଗ ମଧ୍ୟ ଲୋକଙ୍କୁ ସଂକ୍ରମଣ କରୁଛି ଅଭିଯୋଗ କରିଛନ୍ତି ଗାଁଲୋକେ । ଅନ୍ୟପଟେ ଏ ବାବଦରେ ଗାଁ ରେ ଜଣେ ବ୍ୟକ୍ତିଙ୍କର ପ୍ରାଇବେଟ ଜାଗା ଥିବାରୁ ସେ ସେବାଟେ ପାଣି ଛାଡୁନଥିବା କୁହନ୍ତି ନାନ୍ଦପୁର ପଂଚାୟତର ୬ନଂ ଓାଡମେମ୍ବର । ତେବେ ଏ ସମସ୍ୟା ବାବଦରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀରେ ଗାଁ ଲୋକେ ଲିଖିତ୍ ଅଭିଯୋଗ କରିଛନ୍ତି । ତେବେ ଏ ସମସ୍ୟା ବାବଦରେ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ କମ କରିହେବ କରାହେବ ବୋଲି କହିଛନ୍ତି ଚାନ୍ଦବାଲି ବିଡିଓ ।











## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ। ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା। ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ? ଗୋରା ଉତ୍ତର ଦେଲେ ମାଠିଆ ପାକଲ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ। ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର। ଏଥିରେ ଆମକୁ ଯାଂଚ କରିପାରିବ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ। ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ, ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା। କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା। ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ। ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା। ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି। ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ। ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି। ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ। ସନ୍ଥ ନାମଦେବ ବୁଝିପାରିଲେ। ନିଜ ଭିତରେ ଅହଂକାର ମରିଗଲା। ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା। ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା। ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା। ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି। ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି। ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି। ଓସଟାନାର ଲୋକସଂଖ୍ୟା ୮୪। ଏବେ ଏହି ସଂଖ୍ୟା ୮୫ ହୋଇଛି। ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି। ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି। ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ। ଧୀରେ ଦୀରେ ଜନସଂଖ୍ୟା କମିଲା। ୧୯୭୫ରେ ଜନ୍ମହାର ବହୁତ କମିଲା। ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ। ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି। ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି। ତା ଅଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ। ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ। ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ। ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ। ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ। ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ। ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା। ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି। କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ। ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି। ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି। କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି। ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି। ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ। କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।



# ମୋ ଗାଁ

## ଆରଟିଓ ଅଫିସରେ ହେଭି ଲାଇସେନ୍ସ ଲାଗି ନିଆଯାଉଥିଲା ୨୭ ହଜାର

ରାଉରକେଲା: ରାଉରକେଲା ଆରଟିଓ ଅଫିସରେ ଦଲାଲି କରଣ ଓ ଶୋଷଣ ନେଇ ପୁଲିସ ଅଭିଯୋଗ ପାଇବା ପରେ ଗତ ୩୦ ତାରିଖରେ ଚଢ଼ଉ କରି ୧୪ ଜଣ ଦଲାଲଙ୍କୁ ଧରିବା ପରେ ଏବେ ଆରଟିଓ ଅଫିସ ଏକ ପ୍ରକାର ଶୁନ ଶାନ୍ ହୋଇଯାଇଛି । ଲୋକଙ୍କର ଭିଡ଼ କମିଥିବା ବେଳେ ଆଗରୁ ଦଲାଲ ମାନଙ୍କ ମାଧ୍ୟମରେ ଲୋକେ ଦେଇଥିବା କାମ ଆଗକୁ ହେବ କି ନାହିଁ ? ସେମାନଙ୍କ କାଗଜ ପତ୍ର ମିଳିବ କି ନାହିଁ ଏବେ ସେହି ଚିନ୍ତାରେ ସାଧାରଣ ଜନତା । ଏଭଳି ପରିସ୍ଥିତି ଲାଗି ନିକଟରେ ପ୍ରାୟ ୫୦ଟି ଗାଡିର ପଞ୍ଜିକରଣ ଅନୁଗୁଳକୁ ପଳାଇଥିବା ଖବର ମିଳିଛି । ଏହି ଅଫିସରେ ଗାଡି ନମ୍ବର ଲାଗି ପଞ୍ଜିଂକରଣ, ଲାଇସେନ୍ସ, ମାଲିକାନା ପରିବର୍ତନ, ପରମିଟ, ଫିଟନେସ ଠାରୁ ନାନା କାମ ଲାଗି ଦିର୍ଘ ବର୍ଷ ଧରି ବାହାରେ ବସୁଥିବା କିଛି ଲୋକ ତଥା ଦଲାଲ୍ ମାନଙ୍କ ମାଧ୍ୟମରେ କରାଯିବା ସହ ପ୍ରତି କାମ ଲାଗି ସରକାରୀ ଅର୍ଥ ସହ ୨ରୁ ୪ଗୁଣ ଅର୍ଥ ନିଆ ଯାଉଥିଲା । ଯେଉଁଥିରେ ଦଲାଲ୍ ନିଜେ ଭାଗ ରଖିବା ସହ ଯେଉଁ ଟେବୁଲରେ କାମ ହେବ ଓ ନୂଆ ଗାଡି ବିକ୍ରୀ ହେଉଥିବା ସୋ ରୁମର କିଛି ବାବୁଙ୍କ ଲାଗି ମଧ ଭାଗ ରହୁଥିଲା । କାରଣ ନୂଆ ଗାଡି କିଣିଲା ବେଳେ ଗାଡି ଟଙ୍କା ସହ ପଞ୍ଜିକରଣ ଲାଗି ମଧ ସୋ ରୁମ ବାଲା କ୍ରେତା ପାଖରୁ ଅର୍ଥ ରଖି ନେଉଥିଲେ । ଫଳରେ ସରକାରୀ ଟିକସ ଅନେକ କ୍ଷେତ୍ରରେ ବାଟମାରଣା ହେବା ସହ ଅଫିସର ମାନଙ୍କ ନାମରେ ଲୁଟ୍ ହେଉଥିବା ଖବର ପଦାକୁ ଆସିଲା । ଜଣେ ମହିଳା ତାଙ୍କ ସ୍ୱାମୀ ଲାଗି ଏକ ହେଭି ଲାଇସେନ୍ସ କରିବା ପାଇଁ ଜଣେ ଦଲାଲକୁ କୁଆଡେ ୨୭୦୦୦ ଦେଇଥିବା ଖବର ଆରଟିଓ ଅଶୋକ ଜେନାଙ୍କ ନିକଟରେ ପହଁଚିବା ପରେ ସେ ଏହି ମାମଲାକୁ ଧରି ଟଙ୍କା ଫେରସ୍ତ କରାଇବା ସହ ଏଠାରେ ଚାଲିଥିବା କାରବାରକୁ ରୋକିବା ଲାଗି ଉଦ୍ୟମ ଆରମ୍ଭ କଲେ । ସେଥିରେ ରାଗିଯାଇ ଆରଟିଓଙ୍କ ବିରୋଧରେ କୁଆଡେ ଏମାନେ ସ୍ୱର ଉତୋଳନ କରିବା ସହ ଆରଟିଆଇକୁ ବ୍ୟବହାର ଆରମ୍ଭ କଲେ । ସେଥିରେ ଏହି ଅଫିସ୍ ର କିଛି ପୁରୁଣା କର୍ମଚାରୀ ମଧ ସାମିଲ୍ ହୋଇଗଲେ । ହେଲେ ସେମାନଙ୍କ ଷଡ଼ଯନ୍ତ୍ର କାମ ଦେଲାନି । ପୁଲିସର ଚଢ଼ଉ ହୋଇଯିବାରୁ ଦଲାଲିକରଣ କିଛି ଦିନ ହେଲା ବନ୍ଦ ହୋଇଥିବା ବେଳେ ଦଲାଲ୍ ମାନଙ୍କ ରଂଗିନ ଅଫିସରେ ଏବେ ତାଲା ଝୁଲୁଛି । ଅନ୍ୟପକ୍ଷରେ ପୋଲିସର ଚଢ଼ଉକୁ ଇତିମଧ୍ୟରେ ୧୨ ଦିନ ବିତିଥିବା ବେଳେ ଗିରଫ ୧୪ ଜଣ ଯାକ ଏବେ ସବୁ ଜେଲ୍ ରେ । ଲୋକେ ଏମାନଙ୍କୁ ଦେଇଥିବା କାମ ଗୁଡିକ ଏହି ଝମେଲା ଭିତରେ ପଡି ରହିଥିବା ଖବର ମିଳିଛି । ଗାଡି ସୋ ରୁମ୍ ରୁ ନୂଆ ଗାଡି କିଣୁଥିବା ଲୋକ ତା'ର ଗାଡି ନମ୍ବର ପାଇ ନଥିବା ବେଳେ, ଲାଇସେନ୍ସ ରିନୁଆଲ ଭଳି ଅନେକ କାମ ଏବେ ପଡି ରହିଛି । ଯେହେତୁ ଦଲାଲ ମାନେ ଆଉ କାର୍ଯ୍ୟାଳୟକୁ ଆସୁ ନାହାନ୍ତି । ତେଣୁ ଲୋକେ ଆରଟିଓ ଅଫିସରେ ମଧ ଏନେଇ ଦାବି କରିପାରୁ ନାହାନ୍ତି । ଏତ ଗଲା ଘଟଣାର ସମସ୍ତ କଥା, ହେଲେ ଏବେ ପ୍ରଶ୍ନ ଉଠୁଛି ଦଲାଲ୍ ମାନଙ୍କ ବିରୋଧରେ ଅଭିଯୋଗ ହେଲା ସେମାନେ ବନ୍ଧା ହେଲେ, କିନ୍ତୁ ରାଉରକେଲା ଆରଟିଓ ଅଫିସରେ ଦିର୍ଘ ବର୍ଷ ବର୍ଷ ଧରି ଚଉକି ମାଡି ବସି ବସିଥିବା ବାବୁ ମାନେ ଦଲାଲ ମାନଙ୍କୁ ସହଯୋଗ କରୁଥିବା ନେଇ ଯେଉଁ ଅଭିଯୋଗ ରହିଛି, ଏଯାବତ୍ ସେମାନଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଯଦି ଦଲାଲ୍ ମାନେ ଦଣ୍ଡ ପାଇଲେ, ସେମାନେ କାହିଁକି ଏହି ମାମଲାରେ ଦଣ୍ଡିତ ନହେବେ ବୋଲି ସାଧାରଣରେ ଯୁକ୍ତି ଉଠୁଛି ।

### ବନ୍ଧୁକ ଲାଇସେନ୍ସ ନବୀକରଣ ମହଙ୍ଗା ହେଲା

ରାଉରକେଲା: ରାଉରକେଲା ସହର ଓ ଆଖ ପାଖରେ ଯେଉଁ ମାନେ ବନ୍ଧୁକ ଘରେ ରଖିଛନ୍ତି ସେମାନଙ୍କ ଲାଗି ଏବେ ବନ୍ଧୁକ ଲାଇସେନ୍ସ ନବୀକରଣ ମହଙ୍ଗା ହୋଇଥିବା ଅଭିଯୋଗ ହୋଇଛି ।ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ନବୀକରଣ ହେଉଥିବା ବେଳେ ଜଣେ କିରାଣୀ ଏହି ଦାୟିତ୍ୱରେ ରହିଛନ୍ତି । ସହରରେ ହଜାର ହଜାର ଲୋକ ଲାଇସେନ୍ସପ୍ରାପ୍ତ ବଂଧୁକ ଘରେ ରଖିଛନ୍ତି । ଅନେକଙ୍କର ଅଜା ଅମଳରୁ ଥିବା ବନ୍ଧୁକ କେବଳ ଘର କାନ୍ଥରେ ଶୋଭା ପାଇଥାଏ । ତେବେ ଏଗୁଡିକର ୧ ବର୍ଷ, ୨ ବର୍ଷ ଓ ୩ ବର୍ଷରେ ଥରେ ନବୀକରଣ ହେବାର ନିୟମ ରହିଛି । ନବୀକରଣ ବେଳେ ଆଗରୁ ପ୍ରତି ବଂଧୁକ ଧାରୀ ୫୦୦ ଟଙ୍କା ରେଡକ୍ରସକୁ ଦାନ ଦେଉଥିଲେ । ନିକଟରେ ରାଉରକେଲାରୁ ବଦଳି ହୋଇଥିବା ମୋନିଷା ବାର୍ନାଜୀଙ୍କ ସମୟରେ ଏହା ହଠାତ ୧୫୦୦କୁ ବୃଦ୍ଧି ପାଇଥିଲା ।

## ପରିବହନ ମନ୍ତ୍ରୀଙ୍କ ଅଚାନକ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିଦର୍ଶନ



ଚଣ୍ଡିଖୋଲ, ୬/୯ (ପିଏନ)-ଆଜି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବାଲେଶ୍ୱର ଗ୍ରସ୍ତ ସମୟରେ ଅଚାନକ ଭାବରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ୫ଟି ର କାର୍ଯ୍ୟକ୍ରତା ଓ କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଞ୍ଚଳିକ ପରିବହନ ଅଧିକାରୀ ଲାଲମୋହନ ସେଠୀ, ଏସ.ଭି.ଆଇ ଜାକିର ଅମହଦ ସିଦ୍ଧିକ୍ ସହିତ ଆଲୋଚନା କରିଥିଲେ। କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ଗାଡ଼ି ମୋଟର କାଗଜ ପତ୍ରରେ ପ୍ରସ୍ତୁତରେ ସ୍ୱଚ୍ଛତା ଆଣିବାକୁ ପରାମର୍ଶ ଦେଇଥିଲେ।

## ପ୍ରଦୂଷିତ ପରିବେଶ ଓ ପାଣିପାଗ ପରିବର୍ତ୍ତନର କୁପ୍ରଭାବ ଉପରେ ଚଳଚ୍ଚିତ୍ର




ଭୁବନେଶ୍ୱର: ପାଣିପାଗର ପରିବର୍ତ୍ତନ ହେତୁ ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ନେଇ ସଚେତନତା ସୃଷ୍ଟି କରିବା ନିମନ୍ତେ ଏଗାର ଜଣ ଚଳଚ୍ଚିତ୍ର ନିର୍ମାତା ଏକତ୍ରିତ ହୋଇଛନ୍ତି । ଏଥିପାଇଁ ସେମାନେ ୫ରୁ ୯ଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି, ଯେଉଁଥିରେ ରହିଛି ଡ୍ରାମା, ବ୍ୟଙ୍ଗ, ଭିଡିଓ-ଆର୍ଟ ଇତ୍ୟାଦି ।

ବିଶ୍ୱରେ ପାରିବେଶିକ ଅସନ୍ତୁଳନତାକୁ ରୋକିବା ଓ ପ୍ରାକୃତିକ ସମ୍ବଳକୁ ସଂରକ୍ଷିତ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି । ଏହି ଚଳଚ୍ଚିତ୍ରଗୁଡିକର କାହାଣୀଗୁଡ଼ିକ ପରିବେଶ ଓ ମାନବ ସମାଜ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଯାଇଛି ଏବଂ ପରିବେଶ ପରିବର୍ତ୍ତନ ଯୋଗୁଁ ସେମାନଙ୍କ ଉପରେ ପଡୁଥିବା ପ୍ରଭାବକୁ ମଧ ପ୍ରଦର୍ଶନ କରାଯାଇଛି । ଏହି ଚଳଚ୍ଚିତ୍ର ଏଗାରଟି ଦେଶ ସମେତ ବିଶ୍ୱର ବିଭିନ୍ନ ଅଞ୍ଚଳରେ ମୁକ୍ତି ଲାଭ କରୁଛି । ୧ ଘଣ୍ଟା ୩୦ ମିନିଟ୍ ବିଶିଷ୍ଟ ଏହି ଫିଚର୍ ଫିଲ୍ମମାନଙ୍କରେ ସବ୍‌ଟାଇଟେଲ୍ ଇଂରାଜୀ, ଫ୍ରେଞ୍ଚ ଓ ଇଟାଲିଆନ୍ ଭାଷାରେ ପ୍ରଦର୍ଶିତ ହେଉଛି । ଏହାର ବିଶ୍ୱ ପ୍ରିମିୟର୍ ୨୨ ଅକ୍ଟୋବର ୨୦୧୯ରେ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ରୋମ୍‌ରେ ଅନୁଷ୍ଠିତ ହେଉଛି ।

## ସର୍ବବୃହତ ଆନ୍ତଃ ବିଦ୍ୟାଳୟ କୁଇଜ୍-ଟିସିଏସ୍ ଆଇଟି ଓ୍ୱିଜ୍ ୨୦୧୯ ଭୁବନେଶ୍ୱର ସଂସ୍କରଣ ବିଜେତା ଘୋଷଣା




ଭୁବନେଶ୍ୱର : ଅଗ୍ରଣୀ ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ସମାଧାନ ପ୍ରଦାନକାରୀ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ପକ୍ଷରୁ ଭାରତର ସର୍ବବୃହତ ଆନ୍ତଃ ବିଦ୍ୟାଳୟ କୁଇଜ୍-ଟିସିଏସ୍ ଆଇଟି ଓ୍ୱିଜ୍ ୨୦୧୯ ଭୁବନେଶ୍ୱର ସଂସ୍କରଣ ବିଜେତା ଘୋଷଣା କରାଯାଇଛି ଯାହା ସେପ୍ଟମ୍ବେର ୬, ଶୁକ୍ରବାର ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଟିସିଏସ ଆଇଟି ଓ୍ୱିଜ-ଭୁବନେଶ୍ୱରରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତର ୧୦୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ତୁଷାରକାନ୍ତୀ ବେହେରା, ରାଜ୍ୟର ଇଲେକ୍ଟ୍ରୋନିକ୍ସ, ଆଇଟି, କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଓ ଶ୍ରୀଯୁକ୍ତ ମନୋଜ କୁମାର ପଣ୍ଡା, ସେଂଟର ମୁଖ୍ୟ, ଟିସିଏସ୍ ଭବନେଶ୍ୱର ପୁରସ୍କାର ବିତରଣ କରିଛନ୍ତି। ବିଜେତାଙ୍କୁ ଏକ ଟ୍ରଫି ଓ ୬୦ ହଜାର ଟଙ୍କା ମୂଲ୍ୟର ଗିଫ୍‌ଟ ଭାଉଚର ପୁରସ୍କାର ଭାବେ ପ୍ରଦାନ କରାଯାଇଛି। ସେମାନେ ଚଳିତ ବର୍ଷ ପରବର୍ତି ସମୟରେ ମୁମ୍ବାଇ ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଫାଇନାଲ୍‌ରେ ଭୁବନେଶ୍ୱରକୁ ପ୍ରତିନିଧିତ୍ୱ କରି ଅନ୍ୟ ୧୧ ଆଂଚଳିକ ଚାମ୍ପିଆନ ଦଳ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ରନର୍ସ-ଅପ ବିଜେତାଙ୍କୁ ୪୦ ହଜାର ଟଙ୍କାର ମୂଲ୍ୟର ଗିଫଟ ଭାଉଚର ଓ ଏକ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଥିବା ମେଡାଲ ପ୍ରଦାନ କରାଯାଇଛି। ଫାଇନାଲରେ ପହଂଚିଥିବା ଚାରିଟି ଟିମକୁ ମଧ୍ୟ ୫୦୦୦ ଟଙ୍କା ଲେଖାଏଁ ଗିଫଟ ଭାଉଚର ପ୍ରଦାନ କରାଯାଇଛି। ଦର୍ଶକଙ୍କ ମଧ୍ୟରୁ ଅନେକ ସଦସ୍ୟ ଟ୍ୱିଟର ଓ ଇନଷ୍ଟାଗ୍ରାମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଯଦ୍ୱାରା ୮୪୮୫ ଟୁଇଟ ଆଂଚଳିକ ଫାଇନାଲରେ ସୃଷ୍ଟି ହୋଇଥିଲା। "ସର୍ବାଧିକ ଟୁଇଟ" ଓ "ଟୁଇଟ ଅଫ ଦି ଡେ"କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିବା ବେଳେ ଇନଷ୍ଟାଗ୍ରାମର ଦୁଇ "ବେଷ୍ଟ ଷ୍ଟୋରି ଅଫ ଦି ଡେ"କୁ ୨୦୦୦ ଟଙ୍କା ମୂଲ୍ୟର ଗିଫଟ ଭାଉଚର ପ୍ରଦାନ କରାଯାଇଛି। ପ୍ରଯୁକ୍ତି ଦକ୍ଷତା ଉପରେ ବର୍ଦ୍ଧିତ ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବାର୍ଷିକ କୁଇଜରେ ପ୍ରଯୁକ୍ତି ଧାରା ଏବଂ ଆନିମେସନକୁ ବ୍ୟବହାର କରାଯାଉଛି ଯାହା ଦର୍ଶକ ଏବଂ ଅଂଶଗ୍ରହଣକାରୀଙ୍କୁ ସିଟ୍‌ରେ ବାନ୍ଧି ରଖୁଛି। କୁଇଜ ମାଷ୍ଟର ଗିରି ପିକ୍‌ବ୍ରେନ୍ ବାଲାସୁବ୍ରମଣିଅମ୍ ପାଂଚଟି ବଜର୍ ଭିତିକ ପର୍ଯ୍ୟାୟ-ଡାଟା ସାଇନ୍‌ଟିଷ୍ଟ, ଡାଟା ଆନାଲିଷ୍ଟ, ଟେକ୍ ପାଟ୍ରିଅଟ୍ ଓ ବ୍ଲକ୍ ଦି ଚେନ୍ ପରିଚାଳନା କରିବା ସହିତ ଟିସିଏସ ଉପରେ ସ୍ୱତନ୍ତ୍ର ପର୍ଯ୍ୟାୟ ଆୟୋଜନ କରିଛନ୍ତି ।ବ୍ୟବସାୟ, ଲୋକ, ନୂତନ ଧାରା ଏବଂ କିମ୍ବଦନ୍ତୀ ଉପରେ ସୂଚନା ପ୍ରଯୁକ୍ତିର ପ୍ରୟୋଗ ସମ୍ପର୍କରେ ପ୍ରଶ୍ନଗୁଡ଼ିକ କେନ୍ଦ୍ରୀତ ରହିଛି। ସମାନ ଧରଣର ଆଂଚଳିକ କାର୍ଯ୍ୟକ୍ରମକୁ ୧୧ଟି ଭାରତୀୟ ସହର-ଅହମ୍ମଦାବାଦ, ହାଇଦ୍ରାବାଦ, ଚେନ୍ନାଇ, ବାଙ୍ଗାଲୋର, ଇନ୍ଦୋର, ନାଗପୁର, କୋଲକାତା, କୋଚି, ଦିଲ୍ଲୀ, ମୁମ୍ବାଇ ଓ ପୁନେରେ ଆୟୋଜନ କରାଯାଇଛି। ଗତବର୍ଷର କୁଇଜରେ ସାରା ଦେଶର ୧୨୦୬ଟି ବିଦ୍ୟାଳୟର ୧୩,୯୦୮ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ସିଟିଜିରେ ପାଳିତ ହେଲା ଗୁରୁଦିବସ : ଶିକ୍ଷକଶିକ୍ଷୟତ୍ରୀଙ୍କୁ ସିଟିଜି ଗୁରୁଶ୍ରୀ ସମ୍ମାନ

କେନ୍ଦଝର (ପିଏନ୍)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ବୁଧବାର ଦିନ ଗୁରୁ ଦିବସ ପାଳନ ପାଳନ କରାଯାଇଥିବା ବେଳେ କେନ୍ଦୁଝର ନିଉ କଲୋନିସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ଉଚ୍ଚ ମାଧ୍ୟମିକ ସ୍କୁଲ ଓ କେନ୍ଦୁଝର ଡିଗ୍ରୀ କଲେଜର ଗୁରୁଦିବସ ତୈଳିକ ସମାଜରେ ମହା ସମାରୋହରେ ପାଳିତ ହୋଇଯାଇଛି । ଫାଉଣ୍ଡେସନର ପ୍ରତିଷ୍ଠାତା ରୋଟାରିଆନ ରାଜେନ୍ଦ୍ର କୁମାର ପଲେଇ ପ୍ରଦୀପ ପ୍ରଜ୍ୱଳନ ସହିତ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଜାତୀୟ ସଂଗୀତଗାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । କଲେଜର ଯୁକ୍ତ ୨ କଳା ବିଭାଗର ଛାତ୍ରୀ ଫିଜାଇନା ଇନସାଲ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଗୁରୁଦିବସ ପାଳନ ଅବସରରେ ଡଃ କାର୍ତୀକ ଚନ୍ଦ୍ର ମିଶ୍ର ଅବସରପ୍ରାପ୍ତ ଅଧ୍ୟକ୍ଷ ରିମୁଳି କଲେଜ,ରବିନ୍ଦ୍ର କୁମାର ପଣ୍ଡା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋଚିବନ୍ଧ ସ୍କୁଲ,ଏବଂ ରାଜଶ୍ରୀ ପଣ୍ଡା ପ୍ରଧାନ ଶିକ୍ଷୟତ୍ରୀ କମାରଗୋଡା ବାଳିକା ଉଚ୍ଚ ବିଦ୍ୟାଳୟଙ୍କୁ ସିଟିଜି ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚବା ପାଇଁ କଠିନ ପରିଶ୍ରମ ଓ ଶୃଖଂଳା ସହିତ ନୈତିକତା ଅତି ଜରୁରୀ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । ଅର୍ଥନୀତି ଅଧ୍ୟାପିକା ପୂଜାଅର୍ଚ୍ଚନା ମିଶ୍ର ଗୁରୁଶ୍ରୀ ସମ୍ମାନ କାର୍ଯ୍ୟକ୍ରମରେ ପୁର୍ଣ୍ଣ ସହଯୋଗ କରିଥିଲେ । କଲେଜ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କର ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କପରି ଜଣେ ମହାନ ଜ୍ଞାନୀ ଓ ତ୍ୟାଗୀ ପୁରୁଷ ଙ୍କ ପଦାଙ୍କ ଅନୁସରଣ କରିବାକୁ ଉପଦେଶ ଦେଇଥିଲେ । ଭାଇସ ପ୍ରିନ୍ସପାଲ କୃଷ୍ଣଚନ୍ଦ୍ର ମହାନ୍ତି ଗୁରୁଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିବା ସହ ସମସ୍ତ ଶିକ୍ଷକ ସମାଜକୁ ଅଭିନନ୍ଦନ ଜଣାଇଥିଲେ ।ସିଟିଜି ଫାଉଣ୍ଡେସନ ର ଚେୟାରମ୍ୟାନ ରାଜେନ୍ଦ୍ର ପଲେଇ ଆଜିର ସମାଜରେ ଛାତ୍ରର କର୍ତବ୍ୟ ଓ ଗୁରୁମାନଙ୍କ ପ୍ରତି ଭକ୍ତି ସେମାନଙ୍କର ଚରିତ୍ର ଗଠନ ଏବଂ ଭବିଷ୍ୟତ ଜୀବନ ପାଇଁ ପଥପ୍ରଦର୍ଶକ ହେବ ବୋଲି କହିଥିଲେ । ଶେଷରେ ପିଲାମାନଙ୍କର ଦ୍ୱାରା ପରିବେଶିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମସ୍ତଙ୍କ ମନମୋହି ଦେଇଥିଲା । ଇଂରାଜୀ ବିଭାଗର ଅଧ୍ୟାପକ ଦୁର୍ଲଭ ମହାପାତ୍ର ଓ ଛାତ୍ରଛାତ୍ରୀମାନେ ଗୁରୁଦିବସକୁ ସମାରୋହରେ ପାଳନ କରିବାରେ ମନପ୍ରାଣ ଢାଳି ସଫଳ କରିଥିଲେ । ସମସ୍ତ ଅଧ୍ୟାପକ ଅଧ୍ୟାପିକା ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ପ୍ରଶାସନ ପକ୍ଷରୁ ବୃକ୍ଷରୋପଣ

ଭଦ୍ରକ, (ପିଏନ)- ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗ ଏବଂ ଜିଲ୍ଲା କୋର୍ଟ ଆନୁକୂଲ୍ୟରେ ଆଜି ଭଦ୍ରକ ନୂଆ ବସଷ୍ଟାଣ୍ଡ ନିକଟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ବୃକ୍ଷରୋପଣ କରାଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଏବଂ ପୌରପାଳିକାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ସହଯୋଗରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଶୋଭନ କୁମାର ଦାଶ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର କୋର୍ଟ ଜଜ୍ ସଂଜୀବ ଦୁବେ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣତୀ ଶାହା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଂଜନ ଜେନା, ସିଭିଲ ଜଜ୍ ସିନିଅର ଡିଭିଜନ ଶୁଭାଞ୍ଜନ ମହାନ୍ତି, ଆଡିସନାଲ ସିଭିଲ ଜଜ୍ ସିନିଅର ଡିଭିଜନ ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ସବ୍ ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ଶୁଭଗୌତମ ମିଶ୍ର, ସିଭିଲ ଜଜ୍ ଜୁନିଅର ଡିଭିଜନ ପ୍ରିୟ ରଂଜନ ଓଝା, ଜୁଡିସିଆଲ ମାଜିଷ୍ଟ୍ରେଟ (ଫାଷ୍ଟ କ୍ଲାସ) ବିବେକ ସାସ୍‌ମଲ, ଜୁଡିସିଆଲ ମାଜିଷ୍ଟ୍ରେଟ (ସେକେଣ୍ଡ କ୍ଲାସ) ନର୍ମଦା କର, ରଶ୍ମିନାରାୟଣୀ ମିଶ୍ର, ଲିପ୍‌ସା ରାଉତ, ସସ୍ମିତା ସାହୁ, କୋର୍ଟ ମ୍ୟାନେଜର ମାନସ ରଥ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ପୌରପାଳିକାର ଯନ୍ତ୍ରୀ, କର୍ମଚାରୀ ସହାୟତା ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଜିଲ୍ଲା ଆଇସେବା ପ୍ରାଧିକରଣ ପକ୍ଷରୁ ଭଦ୍ରକ ଜିଲ୍ଲାରେ ଗତ ୩୧ ତାରିଖ ଠାରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଏବଂ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅଦ୍ୟାବଧି ୫୦ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ ହୋଇସାରିଥିବା ବେଳେ ମୋଟ ୧ଲକ୍ଷ ବୃକ୍ଷ ଲଗାଯିବାର ପରିକଳ୍ପନା ରହିଛି ବୋଲି ସଚିବ ଶ୍ରୀମତୀ ମହାପାତ୍ରଙ୍କ ସୂତ୍ରରୁ ସୂଚନା ଦିଆଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ।

## ହାତୀ ନଦୀରେ ବନ୍ୟା ଆଶଙ୍କା

ଜୟପାଟଣା, (ପିଏନ) - ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ମଙ୍ଗଳପୁର ସ୍ଥିତ ହାତୀ ବ୍ୟାରେଜର ଚାରି ଗୋଟି ରେଡ଼ିଏଲ ଗେଟ୍ ଖୋଲାଯାଇ ୩୨୦ କ୍ୟୁସେକ୍ ବନ୍ୟା ଜଳ ହାତୀ ନଦୀ ଗର୍ଭକୁ ଛଡ଼ା ଯାଉଥିବା ବେଳେ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଦିଓପାଲି ଠାରେ ଦୁଇଟି ଗେଟ୍ ଖୋଲା ଯାଇ ୮୨୪ କ୍ୟୁସେକ ବନ୍ୟା ଜଳ ଇନ୍ଦ୍ରାବତୀ ନଦୀର ତଳମୁଣ୍ଡକୁ ଛଡ଼ା ଯାଉଥିବା ଜଣାପଡ଼ିଛି । ଫଳରେ ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ଉପତ୍ୟକାରେ ବନ୍ୟାର ଆଶଙ୍କା କରି ସତକ;ତା ମୂଳକ ପଦକ୍ଷେପ ନିଆଯାଉଥିବା ବେଳେ କଳାହାଣ୍ଡି ଜିଲ୍ଲାର ଜୟପାଟଣା, କଲମପୁର, ଜୁନାଗଡ଼ ହାତୀ ନଦୀ ଉପତ୍ୟକାରେ ବନ୍ୟା ଆଶଙ୍କା ଥାଇ ମଧ ଇନ୍ଦ୍ରାବତୀ ପାୱାର ହାଉସରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଚାଲୁ ରଖିଥିବା ସୂନାରୁ ଜଣାପଡ଼ିଛି । ସୂଚନାରୁ ପ୍ରକାଶ ଯ, ଇନ୍ଦ୍ରାବତୀ ଜଳ ଗୁରୁବାର ସକାଳ ୮ଟା ବେଳେ ଜଳ ପତନ ୬୪୦.୮୯ ମିଟରରେ ପହଂଚି ସାରିଥିଲା । ଅପରାହ୍ନ ୨ଟା ପରେ ଜଳସ୍ତର ସର୍ବୋଚ୍ଚ ସୀମା ୬୪୨ ମିଟର ଥିବା ବେଳେ ୬୪୧ ମିଟରକୁ ପହଂଚିବା ପରେ ଦୁଇଟି ରେଡ଼ିଏଲ ଗେଟ୍ ୧ ମିଟର ଲେଖାଏଁ ଖୋଲାଯାଇ ୮୨୪ କ୍ୟୁସେକ ବନ୍ୟା ଜଳ ଇନ୍ଦ୍ରାବତୀ ନଦୀ ଗର୍ଭକୁ ଛଡ଼ାଯାଉଥିବା ରିପୋର୍ଟରୁ ପ୍ରକାଶ । ସେହିପରି ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜର ଜଳସ୍ତର ସର୍ବୋଚ୍ଚ ସୀମା ୨୫୬ ମିଟର ଥିବା ବେଳେ ୨୬୨ ମିଟରକୁ ପହଂଚିବା ପରେ ଚାରିଟି ଗେଟ୍ ଖୋଲାଯାଇ ନଦୀ ଗର୍ଭକୁ ୩୨୦ କ୍ୟୁସେକ ବନ୍ୟାଜଳ ଛଡ଼ାଯାଉଥିବା ବେଳେ ୨୭୭ କ୍ୟୁସେକ୍ ଜଳ ବ୍ୟାରେଜ ମଧ୍ୟକୁ ପଶୁଥିବା ଜଣାପଡ଼ିଛି । ଆଗକୁ ଅଧିକ ବର୍ଷା ହେଲେ ହାତୀ ନଦୀ ଉପତ୍ୟାକାରେ ମଧ୍ୟ ବନ୍ୟା ଆଶଙ୍କା ଦେଖାଦେବ ବୋଲି ଆଲୋଚନା ହେଉଛି ।

## ନାବାଳିକା ଦୁଷ୍କର୍ମ : ଅଭିଯୁକ୍ତ ସମେତ ସହଯୋଗ ଅପରାଧରେ ୧୦ ଜଣ ଗାଁ ଲୋକ ଗିରଫ

କନ୍ଧମାଳ,(ପିଏନ୍): ରାଇକିଆ ଥାନା ପୋଲସ ଜଣେ ୭ମ ଶ୍ରେଣୀ ପଢୁଥିବା ନାବାଳିକାକୁ ଘରେ ପଶି ତାସହିତ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ କରିବାସହିତ ତାକୁ କୋର୍ଟହାଜତକୁ ପଠାଇଛି । ଅଭିଯୁକ୍ତକୁ ଗାଁରେ ସଭା ଜରିଆରେ ଖସାଇବାକୁ ଚେଷ୍ଟା କରିଥିବା ଆଉ ୧୦ ଜଣ ଗ୍ରାମବାସୀଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି ରାଇକିଆ ଥାନା ପୋଲିସ । ସୁଚନା ଅନୁସାରେ ଗତ ମାସ ୨୭ ତାରିଖ ଦିନ ନାବାଳିକା ଘରେ ଏକା ଥିବା ସୁଯୋଗରେ ଅଭିଯୁକ୍ତ ନାବାଳିକାର ପଡୋଶୀ ଶିବାନୀ ପ୍ରଧାନ(୨୦) ଜୋର ଜବରଦସ୍ତି ତାଙ୍କ ଘରେ ପଶି ତାସହିତ ଦୁଷ୍କର୍ମ କରିଥିଲା । ଘଟଣା ସମ୍ପର୍କରେ ନାବାଳିକା ତାର ପରିବାର ଲୋକଙ୍କୁ କହିଥିଲା ଘଟଣା ବିଷୟରେ ଜଣାପଡିବା ପରେ ଗାଁରେ ଏ ବିଷୟରେ ଏକ ସଭା କରାଯାଇ ଯୁବକକୁ ୫୦ ହଜାର ଟଙ୍କା ଜରିମାନା ଦେବାପାଇଁ ନିଷ୍ପତି ନିଆଯାଇଥିଲା । କିନ୍ତୁ ନାବାଳିକାର ପରିବାର ଲୋକେ ସେଥିରେ ରାଜି ନହୋଇ ରାଇକିଆ ଥାନାରେ ଏ ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା ୫୮/୧୯ ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତଦନ୍ତ ବେଳେ ଗାଁରେ ସଭା କରିବା ଆଳରେ ଗାଁର ୧୦ ଜଣ ଲୋକ ଅଭିଯୁକ୍ତକୁ ଖସାଇବାକୁ ଚେଷ୍ଟା କରିଥିବା ଜାଣିବାକୁ ପାଇଥିଲା । ତେଣୁ ପୋଲିସ ସେମାନଙ୍କୁମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜି.ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ ଜୟକୃଷ୍ଣ ବେହେରା କହିଛନ୍ତି ।

## ହିରୋ ମୋଟୋକର୍ପ ପକ୍ଷରୁ ବନ୍ୟା ପ୍ରଭାବିତ ଅଂଚଳରେ ସ୍ୱତନ୍ତ୍ର ଗ୍ରାହକ ଯୋଜନା

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ପକ୍ଷରୁ କେରଳ, ଉତର କର୍ଣ୍ଣାଟକ ଏବଂ ଦକ୍ଷିଣ ମହାରାଷ୍ଟ୍ର ବନ୍ୟା ପ୍ରଭାବିତ ଅଂଚଳରେ ଗ୍ରାହକଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଯୋଜନାର ଶୁଭାରମ୍ଭ କରାଯାଇଛି । ବନ୍ୟା ପ୍ରଭାବିତ ଅଂଚଳରେ ଥଇଥାନ ଯୋଜନା ଅନ୍ତର୍ଗତ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଏହି ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ।

ଏହି ଅବସରରେ ବିନା ଲେବର ଚାର୍ଜରେ ସର୍ଭିସ୍ ଯୋଗାଇ ଦିଆଯିବ। ତେବେ ସ୍ପେୟାର ପାର୍ଟସ୍ ଉପରେ ୩୦% ରିହାତି ପ୍ରଦାନ କରାଯିବ। ସମସ୍ତ ଯାନର ମାଗଣା ଚେକ୍ ଅପ୍ କରାଯିବା ସହିତ ଜେନୁଇନ୍ ସ୍ପେୟାର ପାର୍ଟସ୍ ଯୋଗାଇ ଦିଆଯିବ।

ଏହି ସୁବିଧା ସୁଯୋଗ ବନ୍ୟା ପ୍ରଭାବିତ ଅଂଚଳର ସମସ୍ତ ହିରୋ ମୋଟୋକର୍ପ ବିତରକ ଏବଂ ସ୍ୱୀକୃତିପ୍ରାପ୍ତ ସର୍ଭିସ୍ କେନ୍ଦ୍ରରେ ଯୋଗାଇ ଦିଆଯିବ। ଏହା ୨୦୧୯ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଉପଲବ୍ଧ ହେବ ।ହିରୋ ମୋଟୋକର୍ପ ନିଜର ସାମାଜିକ ଦାୟିତ୍ୱବୋଧକୁ ଭଲ ଭାବେ ବୁଝି ଏସବୁ ଅଂଚଳର ସ୍ଥିତି ଆକଳନ କରି ଥଇଥାନ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଉଛି।

## ସାଓମି ଇଣ୍ଡିଆ ପକ୍ଷରୁ ଏମ୍ଆଇ ଏ୩ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଏକ ନମ୍ବର ସ୍ମାର୍ଟଫୋନ୍ ଓ ସ୍ମାର୍ଟ ଟିଭି ବ୍ରାଣ୍ଡ, ସାଓମି ଆଜି ଏମ୍ଆଇ ଏ୩ର ଘୋଷଣା କରିଛି, ଯାହା ବିଶ୍ୱର ସର୍ବୋଚ୍ଚ ରିଜୋଲ୍ୟୁସନ୍ କ୍ୟାମେରା ସଟ୍ ଅପ୍ ସହିତ ଆଣ୍ଡ୍ରଏଡ୍ ୱାନ୍ ପାୱାରଯୁକ୍ତ ଫୋନ୍‌ଗୁଡ଼ିକରେ ଅତ୍ୟାଧୁନିକ ସ୍ମାର୍ଟଫୋନ୍। ଏହା ଏମ୍ଆଇ ଏ୨ର ଉତ୍ତର ପିଢ଼ି, ଯାହା ପୂର୍ବରୁ ବିଶ୍ୱର ଏକ ନମ୍ବର ଆଣ୍ଡ୍ରଏଡ୍ ୱାନ୍ ସ୍ମାର୍ଟଫୋନ୍ ଭାବରେ ରହିଆସିଛି। ଏମ୍ଆଇ ଏ୩ ତିନୋଟି ରଙ୍ଗ କାଇଣ୍ଡ ଅଫ୍ ଗ୍ରେ, ନଟ୍ ଜଷ୍ଟ ବ୍ଲୁ ଓ ମୋର୍ ଦ୍ୟାନ୍ ହ୍ୱାଇଟ୍‌ରେ ଉପଲବ୍ଧ ହେଉଛି। ୪ଜିବି+୬୪ଜିବି ଭ୍ୟାରିଆଣ୍ଟ ମାତ୍ର ୧୨,୯୯୯ ଟଙ୍କାରେ ଓ ୬ଜିବି+୧୨୮ଜିବି ଭ୍ୟାରିଆଣ୍ଟ ମାତ୍ର ୧୫,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଏମ୍ଆଇ ଏ୩ ଅଗଷ୍ଟ ୨୩ ମଧ୍ୟାହ୍ନ ୧୨ରୁ ଏମ୍ଆଇ.କମ୍, ଆମାଜୋନ୍ ଓ ଏମ୍ଆଇ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେଉଛି। ଏହା ମଧ୍ୟ ଅତିଶୀଘ୍ର ଅଫ୍‌ଲାଇନ୍ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେବ । ଏମ୍ଆଇ ଏ୩ ଏମ୍ଆଇ ଏ ସିରିଜ୍‌ର ଡିଜାଇନ୍‌ରେ ପରିବର୍ତ୍ତନ ଆଣିଛି। ଫଙ୍କ୍‌ସନାଲ୍ ଦୃଷ୍ଟିକୋଣକୁ ଆଖିରେ ରଖି ଏହା ଏକ ନୂତନ ଡିଜାଇନ୍ ଆଣିଛି, ଯାହା ଏମ୍ଆଇ ଏ୨କୁ ଏହି ସେଗ୍‌ମେଣ୍ଟରେ ସର୍ବୋତ୍କୃଷ୍ଟ ଫୋନ୍‌ମାନଙ୍କ ମଧ୍ୟରୁ ଗୋଟିଏ ଭାବେ ପରିଚିତ କରାଇଛି। ୧୨,୯୯୯ ଟଙ୍କାରେ ଆରମ୍ଭ ହେଉଥିବା ଏହି ସ୍ମାର୍ଟଫୋନ୍ କ୍ୱାଲକମ୍ ସ୍ନାପଡ୍ରାଗନ୍ ୬୬୫ ଚିପ୍‌ସେଟ୍, ଏକ ସୁପର୍ ଆମୋଲିଡ୍ ଡିସ୍‌ପ୍ଲେ, ଏକ ବିଶାଳ ୪୦୩୦ ଏମ୍ଏଏଚ୍ ବ୍ୟାଟେରୀ, ୪୮ ଏମ୍‌ପି ଟ୍ରିପଲ୍ କ୍ୟାମେରା ସେଟ୍‌ଅପ୍ ଓ ଏକ ଇନ୍‌ସ୍କ୍ରିନ୍ ଫିଙ୍ଗର ସ୍କାନର୍ ଭଳି ବୈଶିଷ୍ଟ୍ୟ ପ୍ରଦାନ କରୁଛି। ପ୍ରତ୍ୟେକ ଏମ୍ଆଇ ଏ ସିରିଜ୍ ସ୍ମାର୍ଟଫୋନ୍ ପରି ଏମ୍ଆଇ ଏ୩ ମଧ୍ୟ ଗୁଗୁଲ୍‌ର ଆଣ୍ଡ୍ରଏଡ୍ ୱାନ୍ ପ୍ରକଳ୍ପ ଦ୍ୱାରା ପରିଚାଳିତ ଏବଂ ବକ୍ସ ବାହାରେ ଏହା ଆଣ୍ଡ୍ରଏଡ୍ ୯ପାଇକୁ ଚଳାଏ। ରଘୁ ରେଡ୍ଡି, କାଟାଗୋରୀ ଆଣ୍ଡ ଅନ୍‌ଲାଇନ୍ ସେଲ୍ସ ମୁଖ୍ୟ, ସାଓମି ଇଣ୍ଡିଆ ପ୍ରକାଶ କରିଛନ୍ତି, 'ଏମ୍ଆଇ ଏ୩ ସହିତ ଆକର୍ଷଣୀୟ ବୈଶିଷ୍ଟ୍ୟମାନ ଥିବା ଆଉ ଏକ ଆଣ୍ଡ୍ରଏଡ୍ ୱାନ୍ ଫୋନ୍‌ର ଶୁଭାରମ୍ଭ କରି ଆମେ ଆମର ଏମ୍ଆଇ ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛୁ। ଏମ୍ଆଇ ଏ୩ର ବିଭିନ୍ନ ଅଭିନବ ବୈଶିଷ୍ଟ୍ୟମାନଙ୍କ ମଧ୍ୟରେ ରହିଛି ଏକ ୪୮ ଏମ୍‌ପି ଆଇଏମ୍ଏକ୍ସ୫୮୬ ସେନ୍ସର୍ ଥିବା ପଛର ଟ୍ରିପଲ୍ କ୍ୟାମେରା।' ଜନ୍ ଗୋଲ୍ଡ, ପାର୍ଟନର୍ ପ୍ରୋଗ୍ରାମ୍ ନିର୍ଦ୍ଦେଶକ, ଗୁଗୁଲ୍ କହିଛନ୍ତି, 'ଏହି ବର୍ଷ ଆଣ୍ଡ୍ରଏଡ୍ ୱାନ୍ ଶୃଙ୍ଖଳରେ ଏକ ବୃହତ୍ ଡିଭାଇସ୍ ସଂଯୋଗ କରିବା ପଇଁ ସାଓମି ସହିତ ଆମର ସହବନ୍ଧିତାକୁ ସଂପ୍ରସାରିତ କରି ଆମେ ଖୁବ୍ ଉତ୍ସାହିତ।' ସେ ଆଉ ମଧ୍ୟ କହିଛନ୍ତି ଯେ, 'ସମସ୍ତ ନୂତନ ଏମ୍ଆଇ ଏ୩ ଏକ ଅପ୍-ଟୁ-ଡେଟ୍ ତଥା ସହଜରେ ବ୍ୟବହାର କରିହେଉଥିବା ଏକ ସଫ୍ଟୱେୟାର୍ ଅନୁଭୂତି ପ୍ରଦାନ କରିବ, ଯେଉଁଥିରେ ରହିଛି ବ୍ୟବହାରକାରୀଙ୍କୁ ସବୁବେଳେ ସୁରକ୍ଷିତ ରଖୁଥିବା ଇନ୍‌ବିଲ୍ଟ ମଲ୍‌ୱେୟାର୍ ପ୍ରୋଟେକ୍ସନ୍ ଓ ନିୟମିତ ସିକ୍ୟୁରିଟି ଅପ୍‌ଡେଟ୍।'

## ମଧୁମେହ ଜନିତ ଅନ୍ଧତ୍ୱ ସଚେତନତା

ପୁରୀ: ପୁରୀ ସମୁଦ୍ରକୂଳ ଠାରେ ମଧୁମେହ ଜନିତ ଅନ୍ଧତ୍ୱ ଦୂରିକରଣ ସଂପର୍କରେ ଏକ ସଚେତନତା ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁମେହ ହେଲେ କିପରି ଆଖି ନଷ୍ଟ ହୁଏ ଓ ତାହାର କିପରି ଦୂରୀକରଣ କରାଯିବ, କେଉଁ ଖାଦ୍ୟ ଖାଇବ, କିପରି ଆଖି ଚିକିତ୍ସା କରିବ, ମଧୁମେହ ସଂପର୍କରେ କିପରି ସଚେତନ ହେବ ସେ ସଂପର୍କରେ ଡାକ୍ତରମାନେ ବୁଝାଇବା ସହ ସଚେତନ କରିଥିଲେ। ଚକ୍ଷୁର ଯତ୍ନ କିପରି ନେଲେ ଏହା ଦୀର୍ଘସ୍ଥାୟୀ ହୋଇପାରିବ ସେ ସଂପର୍କରେ ଅଧିକ ପ୍ରଚାରର ଆବଶ୍ୟକତା ରହିଛି । ଏହି ସଚେତନତା ଯାତ୍ରାକୁ ଶ୍ରୀଜଗନ୍ନାଥ ଧାମ ରୋଟାରୀକ୍ଲବ, ଇନରହୁଇଲ କ୍ଲବ, ଭାରତୀୟ ଭେଷଜ ସଂଘ ଦ୍ୱାରା ଆୟୋଜିତ କରାଯାଇଥିଲା। ୱାର୍କସ କ୍ଲବ ପୁରୀ ଏଥିରେ ସହଯୋଗ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀକ୍ଲବର ସଭାପତି ରୋଟାରୀଆନ୍ ପ୍ରଦୀପ କୁମାର ନାୟକ, ସଭ୍ୟ ଦେବଦତ୍ତ ଷଡଙ୍ଗୀ, ଦେବରାଜ ପ୍ରଧାନ, ଡାକ୍ତର ବରେନ୍ ପଟ୍ଟନାୟକ, ଇନରହୁଇ କ୍ଲବର ସଭାପତି ଝରଣା ନାୟକ ଓ ସଂପାଦକ ନୀତୁ ଷଡଙ୍ଗୀ, ଡାକ୍ତର ବାମଦେବ ମହାନ୍ତି, ବାନାମ୍ବର ସେନାପତି ପ୍ରମୁଖ ଯୋଗଦେଇଥିଲେ ।

## କିସ୍-ଦିଲ୍ଲୀର ୭ମ ପ୍ରତିଷ୍ଠା ଦିବସ



ନୂଆଦିଲ୍ଲୀ, ୧୧।୯: ଦିଲ୍ଲୀର ନଜଫଗଡ଼ସ୍ଥିତ କିସ୍‌ର ଶାଖା ଅନୁଷ୍ଠାନ କିସ୍-ଦିଲ୍ଲୀର ୭ମ ପ୍ରତିଷ୍ଠା ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। କିସ୍ ଓ ଦିଲ୍ଲୀ ସରକାରଙ୍କ ମିଳିତ ଉଦ୍ୟମରେ ଦୀର୍ଘ ୭ବର୍ଷ ଧରି ଚାଲିଆସୁଥିବା କିସ୍-ଦିଲ୍ଲୀର ୭ମ ପ୍ରତିଷ୍ଠା ଉତ୍ସବରେ ଦିଲ୍ଲୀ ସରକାରଙ୍କ ତଫସିଲଭୁକ୍ତ ଜାତି ଓ ଜନଜାତି, ସାମାଜିକ ବିକାଶ ତଥା ସମବାୟ ମନ୍ତ୍ରୀ ରାଜେନ୍ଦ୍ର ପାଲ୍ ଗୌତମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ସଚିବ ରାଜୀବ ଯଦୁବଂଶୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଭାବେ ଶିକ୍ଷା ଅର୍ଜନ କରିବା ସହ ଶିକ୍ଷା ଉନ୍ନତିର ମୂଳମନ୍ତ୍ର ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଓଡ଼ିଶାର ଏକମାତ୍ର ଏନଜିଓ କିସ୍ ଭଲ କାମ କରୁଥିବାରୁ ଦିଲ୍ଲୀ ସରକାରଙ୍କ ଅନୁରୋଧ କ୍ରମେ ଏଠାରେ ପ୍ରତିଷ୍ଠିତ କିସ୍-ଦିଲ୍ଲୀ ଦୀର୍ଘ ୮ବର୍ଷ ଧରି ଦିଲ୍ଲୀ ସରକାରଙ୍କ ସହଯୋଗରେ ସୁଚାରୁ ରୂପେ ଚାଲି ଆସୁଛି। କିସ୍-ଦିଲ୍ଲୀର ପିଲାମାନେ ଭଲ ପାଠ ପଢୁଥିବାରୁ ସେମାନଙ୍କ ମଧ୍ୟରୁ ୧୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ବିନାଦେୟରେ ବିଭିନ୍ନ ବୈଷୟିକ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ। ଏହି ଅବସରରେ ସେ କିସ୍-ଦିଲ୍ଲୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୁମ୍‌କୁମ୍ ଶର୍ମାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ତଥା ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଥିଲେ। କିସ୍-ଦିଲ୍ଲୀକୁ ଆଗେଇ ନେବା ଦିଗରେ ନିରନ୍ତର ସହଯୋଗ ଯୋଗାଇ ଆସିଥିବା ଦିଲ୍ଲୀ ସରକାରଙ୍କୁ ମଧ୍ୟ ଶ୍ରୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଇସାପୁର ଅଞ୍ଚଳରେ ଶିକ୍ଷାର ବିକାଶ କ୍ଷେତ୍ରରେ କିସ୍ କାର୍ଯ୍ୟ କରିଥିବାରୁ ସ୍ଥାନୀୟ ଅଞ୍ଚଳର ୩୫୦ରୁ ଉର୍ଦ୍ଧ୍ୱ ଗ୍ରାମ ପ୍ରଧାନ ଶ୍ରୀ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କିସ୍-ଦିଲ୍ଲୀକୁ ସହଯୋଗ ଯୋଗାଇ ଦେଇ ଆସିଥିବା ଇସାପୁରବାସୀଙ୍କୁ ମଧ୍ୟ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ।

## ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍, ବିଶ୍ୱର ସବୁଠାରୁ ଅଗ୍ରଣୀ ଆଇକନିକ ସ୍ପୋର୍ଟସ ସେଦାନର କ୍ଷମତାଶାଳୀ ସପ୍ତମ ଜେନେରେସନ, ଆଜି ଗୁରୁଗ୍ରାମରେ ଥ୍ରିଲ୍ ସିଟିରେ ଶୁଭାରମ୍ଭ କରାଯାଇଛି । ଆଞ୍ଚଳିକ ରୂପେ ବିଏମଡବ୍ଲ୍ୟୁ ଗ୍ରୁପ୍ ପ୍ଲାଣ୍ଟ ଚେନ୍ନାଇରେ ଉତ୍ପାଦିତ ହେଉଥିବା ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାରତରେ ଡ଼ିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟରେ ସମସ୍ତ ବିଏମଡବ୍ଲ୍ୟୁ ଡ଼ିଲରସିପ ଗୁଡ଼ିକରେ ଉପଲବ୍ଧ ହେଉଛି । ଏହି ଅବସରରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର, ସିଇଓ, ଶ୍ରୀଯୁକ୍ତ ରୁଦ୍ରତେଜ୍ ସିଂ କହିଛନ୍ତି ଯେ, 'ବିଏମଡବ୍ଲ୍ୟୁ ୩ ସିରିଜ୍ ଏକ ଅଲ୍ଟିମେଟ ସ୍ପୋର୍ଟସ ସେଦାନ୍ ହିସାବରେ ଚାରି ବର୍ଷରୁ ଅଧିକ ଦସନ୍ଧିଧରି ସିୟର ଡ୍ରାଇଭିଂ ପ୍ଲେଜର ରହିଆସିଛି । ଏହାର ନୂତନ ବୈଶିଷ୍ଟ୍ୟ ସହ ଏହି ୩ ପୁଣିଥରେ ନିଜକୁ ପ୍ରମାଣିତ କରିପାରଛି ! ନୂତନ ଡ଼ିଜାଇନ, ଅଧିକ ସ୍ଥାନ, ଉନ୍ନତ ଆଭ୍ୟ'ର ଏବଂ ଏପରିକି ପରିଚାଳନା ଏହାକୁ ଅଧିକ ଉତ୍କୃଷ୍ଟ କରିପାରଛି । ରୋମାଞ୍ଚକ ଅନୁଭୂତି ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଚାଳକ କୈନ୍ଦ୍ରିକ ଜ୍ଞାନକୌଶଳରେ ସମୃଦ୍ଧ ଯାହାକି ଅତୁଳନୀୟ ଚାଳନା ଅନୁଭୂତି ପ୍ରଦାନ କରେ ଏବଂ ଏଥିରେ ଥିବା ଅଟୋମୋବାଇଲ ରାସ୍ତାର ପ୍ରତ୍ୟକ୍ଷ ଘଟଣାର ସୂଚନା ପ୍ରଦାନ କରେ । ଶୁଭାରମ୍ଭ ପାଇଁ ସ୍ୱତନ୍ତ୍ର ରୂପେ ତିଆରି ହୋଇଥିବା ଉକ୍ତ ଗାଡ଼ି ଉଚ୍ଚ ସହରୀକରଣ, ଉନ୍ନତ ଏବଂ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍‌ର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛି ।'ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଦୁଇଟି ଡ଼ିଜେଲ ଭାରିଆଣ୍ଟରେ ଶୋରୁମ ମୂଲ୍ୟ ଯଥାକ୍ରମେ ବିଏମଡବ୍ଲ୍ୟୁ ୩୨୦ଡି ସ୍ପୋର୍ଟ ମାତ୍ର ୪୧,୪୦,୦୦୦ ଟଙ୍କାରେ ଏବଂ ବିଏମଡବ୍ଲ୍ୟୁ ୩୨୦ଡି ଲକ୍ସୁରୀ ଲାଇନ୍ ମାତ୍ର ୪୬,୯୦,୦୦୦ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ଏହାର ପେଟ୍ରୋଲ ଭାରିଆଣ୍ଟ ବିଏମଡବ୍ଲ୍ୟୁ ୩୩୦ଆଇ ସ୍ପୋର୍ଟର ଶୋରୁମ ମୂଲ୍ୟ ଯଥାକ୍ରମେ ୪୭,୯୦,୦୦୦ଟଙ୍କା ରହିଛି ଯାହାକି ଆଞ୍ଚଳିକ ରୂପେ ଉତ୍ପାଦିତ ହେଉଛି ।

## ବାଟଲା ହାଉସ୍ ଏବଂ ସୁପର ୩୦ରେ ଅଭିନେତ୍ରୀ ମୃଣାଲ ଠାକୁର ନିଜ ଫିଟ୍‌ନେସ୍‌ର ଶ୍ରେୟ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମଙ୍କୁ ଦେଇଛନ୍ତି

ଭୁବନେଶ୍ୱର : ସୁନ୍ଦରୀ ଅଭିନେତ୍ରୀ ମୃଣାଲ ଠାକୁର ଯିଏକି ବାଟଲା ହାଉସ୍ ଏବଂ ସୁପର ୩୦ ହିନ୍ଦି ଚଳଚିତ୍ର ମାଧ୍ୟମରେ ସଫଳତାର ଶୀର୍ଷରେ ପହଂଚିଛନ୍ତି। ନିଜର ଅଭିନୟ କୌଶଳ ଏବଂ ନିଖୁଣ ତ୍ୱଚା ପାଇଁ ପ୍ରଶଂସାର ପାତ୍ରି ହୋଇଛନ୍ତି । ଟାଟା ସ୍କାଏ ଫିଟ୍‌ନେସ୍ ର ଫିଟ ଏବଂ ଫେମସ ଚାଟ୍ ସୋ ରେ ମୃଣାଲ ଠାକୁର ନିଜର ଫିଟନେସର ସିକ୍ରେଟ ବିଷୟରେ ସୁଚନା ଦେଇଛନ୍ତି ଏବଂ କିଭଳି ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ତାଙ୍କ ପରି ଦୀର୍ଘମିଆଦି ସ୍ୱାସ୍ଥ୍ୟ କୁ ଆପଣେଇବା ପାଇଁ ପରାମର୍ଶ ଦେଇଛନ୍ତି । ନିଜର ଫିଟନେସ ବିଷୟରେ ସୁଚନା ଦେଇ ମୃଣାଲ ଠାକୁର କହିଛନ୍ତି ଯେ ସୁଟିଙ୍ଗ ସେଟରେ ବ୍ୟସ୍ତ ଥାଇ ମଧ୍ୟ ସେ କିଭଳି ନିଜର ଖାଦ୍ୟ ପେୟରେ ସଂନ୍ତୁଳନ ରକ୍ଷା କରନ୍ତି ଏବଂ ସେ ଆହୁରି ମଧ୍ୟ କହିଛନ୍ତି ଯେ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ଦୁଇଜଣ ଗୋଟିଏ ମନ୍ତ୍ର କୁ ପାଳନ କରିଥାନ୍ତି- ଖାଦ୍ୟପେୟ ଫିଟନେସର ମୁଖ୍ୟ ଆବଶ୍ୟକୀୟ ଅଂଶ ଅଟେ । ସେ ମଧ୍ୟ ସୁଟିଙ୍ଗ ସେଟରେ ଜାଣିବାକୁ ପାଇଲେ ହ୍ରିତିକ ରୋଶନ ନିଜର ଫିଟନେସ ପାଇଁ ଖୁବ ସମର୍ପିତ ସୁପର ୩୦ରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ୭କେଜି ଓଜନ କମାଇବାର ଥିଲା ଏବଂ ସେଥିପାଇଁ ସେ ସିଝା ବ୍ରୋକୋଲି ଏବଂ ଚିକେନ ବିନା ଲୁଣରେ ଖାଉଥିଲେ । ଯେତେବେଳେ ସେ ଟାଇମ ପାଉଥିଲେ ସଙ୍ଗେ ସଙ୍ଗେ ସେ ଜିମ୍‌ରେ ଯୋଗ ଦେଉଥିଲେ । ତାଙ୍କର ନିଜର ଫିଟନେସ ପ୍ରତି ସମର୍ପଣ, ମତେ ବେଶ୍ ପ୍ରଭାବିତ କରିଥିଲା ତାଙ୍କ ପରି ହେବାକୁ । ଏହା ଛଡା ମୃଣାଲ ଠାକୁର ଆହୁରି ମଧ୍ୟ କହିଛନ୍ତି ବାଟଲା ହାଉସ୍ ରେ ନିଜର ସହଯୋଗୀ ଷ୍ଟାର ଜନ୍ ଆବ୍ରାହମ ସବୁବେଳେ ସୁଟିଙ୍ଗ ସେଟରେ ବହୁତ ଗୁଡିଏ ଫିଟନେସ ଟିପସ୍ ଦେଇଥାନ୍ତି । ଏହି ଦୁଇ ଜଣ ଙ୍କ ଠାରୁ ଫିଟନେସ୍ ବାବଦରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପସ୍ ପାଇଲି ଯେ ଫିଟନେସ ପାଇଁ ସବୁବେଳେ ଭଲ ଏବଂ ସୁଷମ ଖାଦ୍ୟ ଖାଇବା ଜରୁରି ଅଟେ । ଆସନ୍ତା ୧ ସେପ୍ଟେମ୍ବର ୨୦୧୯ ରେ ମୃଣାଲ ଠାକୁର ଙ୍କ ଇଂଟରଭ୍ୟୁ ଟାଟା ସ୍କାଏ ଫିଟନେସ ସେସନରେ ପ୍ରସାରିତ ହେବ । ଏହାଛଡା ଟାଟା ସ୍କାଏ ମୋବାଇଲ ଆପ ମାଧ୍ୟମରେ ମଧ୍ୟ କୌଣସି ଠାରେ କୌଣସି ସମୟରେ ଫିଟନେସ ବାବଦରେ ତଥ୍ୟ ପାଇପାରିବେ ।

## ଭୁବନେଶ୍ୱର ଫେରିଲା ରେଡ୍ ଏଫ୍ଏମର କଲେଜ କେ ଟସନବାଜ୍

ଭୁବନେଶ୍ୱର: ଭାରତର ସର୍ବବୃହତ ତଥା ସର୍ବାଧିକ ପୁରସ୍କାର ପାଇଥିବା ୯୩.୫ ରେଡ୍ ଏଫ୍ଏମ୍ ପୁଣି ଥରେ ଭୁବନେଶ୍ୱରକୁ ଫେରାଇ ଆଣିଛି 'କଲେଜ କେ ଟସନବାଜ୍' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ କଂପାନି କଲେଜର ଶ୍ରେଷ୍ଠ ପ୍ରତିଭାମାନଙ୍କ ପ୍ରସାର କରୁଛି। ଏହି ଅଭିଯାନ ୨୭ଟି ସହରର ବିଭିନ୍ନ କଲେଜରେ ଅନୁଷ୍ଠିତ ହେବ। ରେଡ୍ ଏଫ୍ଏମ୍ ପକ୍ଷରୁ ଦ୍ୱିତୀୟ ଶ୍ରେଣୀ ସହରର କଲେଜ ଛାତ୍ରଛାତ୍ରୀଙ୍କୁ ସାରା କଲେଜ ସମ୍ମୁଖରେ ସେମାନଙ୍କ ନୃତ୍ୟ, ଗୀତ ଏବଂ ଅଭିନୟ ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ରେଡ୍ ଏଫ୍ଏମର ମୋବାଇଲ୍ ସେଂଟର ପ୍ରତି ସହରର ଶ୍ରେଷ୍ଠ ୧୦-୧୫ କଲେଜରେ ପହଂଚି ବିଚାରକ ମଣ୍ଡଳୀଙ୍କ ସାମ୍ନାରେ ଶତାଧିକ ଛାତ୍ରଛାତ୍ରୀଙ୍କ ଅଡିସନ କରାଉଛି। ଛାତ୍ରଛାତ୍ରୀମାନେ ଏସଏମଏସ ଜରିଆରେ ପଂଜୀକରଣ କରିପାରିବେ ଏବଂ ସେମାନଙ୍କ ପ୍ରତିଭା, ଷ୍ଟେଜ୍ ଉପରେ ଅଭିନୟ ଓ ଏକ୍ସ ଫ୍ୟାକ୍ଟରକୁ ନେଇ ସେମାନଙ୍କୁ ଚୟନ କରାଯିବ। ଏହି ଅଭିଯାନରେ କଂପାନି ପକ୍ଷରୁ ଭୁବନେଶ୍ୱର ସମେତ ଦେଶର ପ୍ରମୁଖ ସହର ଯଥା ଭୋପାଳ, ଅମୃତସର, ଲକ୍ଷ୍ନୌ, କାନପୁର, ବାରାଣାସୀ, ଡେରାଡୁନ, ଆହ୍ଲାବାଦ, ଜୟପୁର, ଯୋଦ୍ଧପୁର, ସିଲିଗୁଡ଼ି, ଆସାନସୋଲ, ଗୌହାଟି, ପାଟନା, ଜାମସେଦପୁର, ଅହମ୍ମଦାବାଦ, ସୁରଟ, ବରୋଦା, ରାଜକୋଟ, ପୁନେ, ନାଗପୁର, ନାସିକ, ଔରଙ୍ଗାବାଦ ଓ ଜମ୍ମୁରେ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ଏହି ଅଭିଯାନ ସଂପର୍କରେ ମିସ୍ ନିଶା ନାରାୟଣନ, ସିଓଓ ଓ ନିର୍ଦ୍ଦେଶିକା, ରେଡ୍ ଏଫ୍ଏମ୍ ଓ ମ୍ୟାଜିକ୍ ଏଫ୍ଏମ୍ କହିଛନ୍ତି ଯେ, 'ରେଡ୍ଏଫ୍ ହେଉଛି ଏକ ଯୁବ କୈନ୍ଦ୍ରୀକ ବ୍ରାଣ୍ଡ ଏବଂ ଏହି ଅଭିଯାନ ସେମାନଙ୍କ ସହିତ କଂପାନିର ସମ୍ପର୍କକୁ ଆହୁରି ଦୃଢ଼ କରିବ।

## ଉଚ୍ଛେଦକୁ ଐତିହ୍ୟ ସଂରକ୍ଷଣ ପରିଷଦର ବିରୋଧ

ପୁରୀ: ମେଘନାଦ ପାଚେରୀ ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରସଙ୍ଗରେ ଐତିହ୍ୟ ସଂରକ୍ଷଣ ପରିଷଦ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ପରିଷଦର ସଂପାଦକ ଦେବୀପ୍ରସନ୍ନ ନନ୍ଦ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ମେଘନାଦ ପାଚେରୀ ଠାରୁ ୭୫ ମିଟର ଉଚ୍ଛେଦ ଅନାବଶ୍ୟକ । ଯଦି ଏଭଳି ଉଚ୍ଛେଦ ହୁଏ ତାହେଲେ ପୁରୀର ଅର୍ଥନୀତି ଦୁର୍ବଳ ହୋଇଯିବ । ବହୁ ବ୍ୟବସାୟୀ ହାତବାନ୍ଧି ଘରେ ବସିବେ । ପର୍ଯ୍ୟଟକମାନେ ସେମାନଙ୍କର ମନପସନ୍ଦ ସାମଗ୍ରୀ ମନ୍ଦିର ପାଖରୁ ନପାଇ ଖାଲି ହାତରେ ଫେରିବେ । ୭୫ ମିଟର ସ୍ଥାନରେ ସରକାର କ'ଣ କରିବେ, କି ଯୋଜନା ରହିଛି, କାହିଁକି ଭାଙ୍ଗିବା ପାଇଁ ପ୍ରସ୍ତାବ ନେଇଛନ୍ତି ସେ ସଂପର୍କରେ ସମସ୍ତ ତଥ୍ୟ ଜନସାଧାରଣ ଜାଣିବା ଉଚିତ୍ । ଜନସାଧାରଣଙ୍କୁ ତଥ୍ୟ ଗୁପ୍ତ ରଖି ରାତାରାତି ଭାଙ୍ଗିବା ବ୍ରିଟିଶ ଶାସନ ନୀତି ପରି ହୋଇଯାଉଛି । ଐତିହ୍ୟ ସ୍ଥଳୀଗୁଡିକୁ ଭାଙ୍ଗିବା ପୂର୍ବରୁ ତାହାର ସ୍ଥାନାନ୍ତର ସହ ସ୍ଥାପନ କରାଯାଉ । ଯଦି କମିଶନଙ୍କ ରିପୋର୍ଟ ଆଧାରରେ ଏହି ଭଙ୍ଗାଭଙ୍ଗି ଚାଲୁଛି ତେବେ ଅନ୍ୟ ଯେତେ ସବୁ ରିପୋର୍ଟ ରହିଛି ତା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ।

## ମୋଟୋରୋଲା ୱାନ୍ ଆକ୍ସନ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ମୋଟୋରୋଲା ପକ୍ଷରୁ ଭାରତରେ ଏହାର ମୋଟୋରୋଲା ୱାନ୍ ଆକ୍ସନ୍‌ର ଉପଲବ୍ଧତା ଘୋଷଣା କରାଯାଇଛି । ମୋଟୋରୋଲା ପରିବାରରେ ହୋଇଥିବା ଏହି ନୂତନ ସଂଯୋଗ, ଗ୍ରାହକମାନଙ୍କୁ ସେମାନଙ୍କ ଦୁନିଆକୁ କ୍ୟାପ୍‌ଚର୍ କରିବାକୁ ଓ ଏହାକୁ ଏକ ବୃହତ ସ୍କ୍ରିନ୍‌ରେ ଦେଖିବା ନିମନ୍ତେ ସୁଯୋଗ ପ୍ରଦାନ କରୁଛି। ମୋଟୋରୋଲା ୱାନ୍ ଆକ୍ସନ୍ ବ୍ୟବହାରକାରୀଙ୍କୁ ଏକ ସ୍ମାର୍ଟ ଓ ସୁରକ୍ଷିତ ଆଣ୍ଡ୍ରଏଡ୍ ୱାନ୍ ସଫ୍ଟୱେୟାର ଅନୁଭୂତି ପ୍ରଦାନ କରୁଛି। ମୋଟୋରୋଲା ୱାନ୍ ଆକ୍ସନ୍‌ର ଆକର୍ଷଣୀୟ ଡେନିମ୍ ବ୍ଲୁ ଭ୍ୟାରିଆଣ୍ଟର ବିକ୍ରି ଫ୍ଲିପ୍‌କାର୍ଟରେ ଅଗଷ୍ଟ ୩୦ ମଧ୍ୟାହ୍ନ ୧୨ଟାରୁ ଉପଲବ୍ଧ ହେଉଛି। ଫ୍ଲିପ୍‌କାର୍ଟ ଓ ଜିଓ ବ୍ୟବହାରକାରୀଙ୍କ ପାଇଁ ଚମତ୍କାର ଶୁଭାରମ୍ଭ ଅଫର୍ ସହିତ ମୋଟୋରୋଲା ୱାନ୍ ଆକ୍ସନ୍‌ର ମୂଲ୍ୟ ୧୩,୯୯୯ଟଙ୍କା ରହିଛି । ମୋଟୋରୋଲା ୱାନ୍ ଆକ୍ସନ୍ ହେଉଛି ଇଣ୍ଡଷ୍ଟ୍ରିର ପ୍ରଥମ ଅଲ୍‌ଟ୍ରା-ୱାଇଡ୍ ଆକ୍ସନ୍ କ୍ୟାମେରା, ଯେଉଁଥିରେ ଗ୍ରାହକମାନେ ଫୋନ୍‌କୁ ଭୂଲମ୍ବ ଭାବେ ଧରି ମଧ୍ୟ ଲ୍ୟାଣ୍ଡସ୍କେପ୍‌ରେ ଭିଡିଓ ସୁଟ୍ କରିପାରିବେ। ଗ୍ରାହକଙ୍କ ଭିଡିଓ ଗୁଡ଼ିକୁ ସୁନ୍ଦର ଚିତ୍ରଗୁଡ଼ିକ ସହାୟତା ପ୍ରଦାନ କରିବ। ସେଥିପାଇଁ ମୋଟୋରୋଲା ୱାନ୍ ଆକ୍ସନ୍‌ର ଟ୍ରିପଲ୍ କ୍ୟାମେରା ସିଷ୍ଟମ୍‌କୁ ଧନ୍ୟବାଦ। ଏଥିରେ ରହିଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେଣ୍ଟ (ଏଆଇ), ଯାହାଦ୍ୱାରା ଗ୍ରାହକମାନେ ଫୋଲ୍ଡ ନକରି ସେମାନଙ୍କ କାହାଣୀକୁ ବ୍ରେଥ୍‌ଟେକିଂ ୨୧:୯ କ୍ୟାମେରା ଭିଜନ୍ ଡିସ୍‌ପ୍ଲେରେ ଦେଖିପାରିବେ। ଏହା ଏକ ଆକର୍ଷଣୀୟ ଡିଜାଇନ୍, ଯାହା ଧରିବା ଓ ହାତରେ ବ୍ୟବହାର କରିବାକୁ ସହଜ କରିଥାଏ।ମୋଟୋରୋଲା ୱାନ୍ ଆକ୍ସନ୍‌ର ଟ୍ରିପଲ୍ କ୍ୟାମେରା ସେଟ୍ ଅପ୍ ହେଉଛି ଇଣ୍ଡଷ୍ଟ୍ରିର ପ୍ରଥମ ୧୧୭° ଅଲ୍‌ଟ୍ରା-ୱାଇଡ୍ ଆକ୍ସନ୍ ଭିଡିଓ କ୍ୟାମେରା, ଯାହାଦ୍ୱାରା ଗ୍ରାହକମାନେ ଫ୍ରେମ୍‌ରେ ଚାରି ଗୁଣ ଅଧିକ ଫିଟ୍ ହେଉଥିବା ଉତ୍କୃଷ୍ଟ ପ୍ରଦାନକାରି ଭିଡିଓ ରେକର୍ଡ କରିପାରିବେ। ହାର୍ଡୱେୟାର୍ ଓ ସଫ୍ଟୱେୟାର୍ ଆବିଷ୍କାରର ଏକ ସ୍ୱତନ୍ତ୍ର ମିଶ୍ରଣ ମାଧ୍ୟମରେ, ମୋଟୋରୋଲା ଫୋନ୍‌କୁ ଭୂଲମ୍ବ ଭାବେ ଧରି ମଧ୍ୟ ଅଲ୍‌ଟ୍ରା-ୱାଇଡ୍ ଭିଡିଓ ସୁଟ୍ କରି ଫିଲ୍ମକୁ ଚମତ୍କାର କରାଇବାରେ ସକ୍ଷମ କରାଉଛି। ଏହା ପରିଶେଷର କଥା ନୁହେଁ ଯେ, ୨.୦ ମ୍ୟୁଏମ୍ ପିକ୍ସେଲ୍ ଜ୍ଞାନକୌଶଳ ତୀକ୍ଷ୍ଣତା ପାଇଁ ଚାରି ଗୁଣ ଅଧିକ ଆଲୋକ ସୂକ୍ଷ୍ମତା ସହିତ ଯେକୌଣସି ପରିସ୍ଥିତିରେ ବ୍ରାଇଟର୍ ଭିଡିଓ ପ୍ରଦାନ କରୁଛି।

## ବୌଦ୍ଧରେ ଆରମ୍ଭ ହେବ ଚାଇଲ୍ଡ ଲାଇନ୍ ସେବା

ବୌଦ୍ଧ: ବୌଦ୍ଧ ଜିଲା ସମେତ ଓଡିଶାର ୬ ଟି ଜିଲାରେ ଖୁବ୍ ଶିଘ୍ର ଆରମ୍ଭ ହେବାକୁ ଯାଉଛି ଚାଇଲ୍ଡ ଲାଇନ ସେବା । ଏ ନେଇ ଜିଲାରେ ଶିଶୁ ସୁରକ୍ଷା ଉପରେ କାମ କରୁଥିବା ଅଂଶୀଦାରମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ଜିଲାର ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସ୍କୁଲ କାନ୍ଥ ମାନଙ୍କରେ ଚାଇଲ୍ଡ ଲାଇନ ୧୦୯୮ ବିଷୟରେ ସୂଚନା ଲେଖାଯିବାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ଶିଶୁମାନଙ୍କୁ ସମସ୍ତ ପ୍ରକାର ନିର୍ଯ୍ୟାତନାରୁ ସୁରକ୍ଷା ଦେବାପାଇଁ ସମସ୍ତ ଅଧିକାରୀଙ୍କୁ ଯତ୍ନବାନ ହେବାପାଇଁ କହିଥିଲେ ।

## ନବ ନିଯୁକ୍ତ ଓଡ଼ିଶା କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷଙ୍କୁ ବାରିପଦାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା: ଅଗଷ୍ଟ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ନେତାମାନଙ୍କୁ ରାଜ୍ୟର ବିଭିନ୍ନ ନିଗମ, ବୋର୍ଡ଼, ପରିଷଦ ଆଦିର ଅଧକ୍ଷ ପଦ ପଦବୀରେ ଥଇଥାନ ଉପରେ ମୋହର ଲଗାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ତାଲିକାରେ କେତେକ ହାରିଥିବା ନେତାଙ୍କ ସହ ଟିକଟରୁ ବଂଚିତ ହୋଇ ଦଳପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିଆସୁଥିବା ନେତାମାନଙ୍କ ନାମ ରହିଛି । ଏମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ଏକମାତ୍ର ୩୪ନଂ ମୋରଡ଼ା ନିର୍ବାଚନ ମଣ୍ଡଳୀର ଆଶାୟୀ ପ୍ରାର୍ଥୀ ଭାବେ ଜଣାଶୁଣା ଦେବାଶିଷ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ଓଡ଼ିଶା କୃଷି ଶିଳ୍ପ ନିଗମର ଅଧକ୍ଷ ପଦବୀରେ ନିଯୁକ୍ତି ପ୍ରଦାନ କରିଛନ୍ତି । ଆଜି ଓଡ଼ିଶା କୃଷି ଶିଳ୍ପ ନିଗମର ନବ ନିଯୁକ୍ତ ଅଧକ୍ଷ ତଥା ମୟୂରଭଞ୍ଜ ଜିଲ୍ଲା ବିଜେଡ଼ି ସଭାପତି ଶ୍ରୀ ମହାନ୍ତି ଭୁବନେଶ୍ୱରରୁ ଆସି ବାରିପଦା ପ୍ରଦକ୍ଷଣ ଗୃହରେ ପହଁଚିବା ପରେ ତାଙ୍କୁ ବିଜେଡ଼ି ପକ୍ଷରୁ ଏକ ଏକ ଖୋଲା ଜିପ୍ ରେ ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଜେଡ଼ିର ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନକୁ ପାଛୋଟି ଅଣାଯାଇଥିଲା । ଏହି ସମୟରେ ତାଙ୍କ ସହିତ ମୋରଡ଼ା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ସଂସ୍ଥାର ଅଧକ୍ଷ ଡ଼ା. ଦେବାଶିଷ ମାର୍ଣ୍ଡି, ଜିଲ୍ଲା ଯୁବ ବିଜେଡ଼ି ସଭାପତି ଜିତେନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ଥିଲେ ଏବଂ ରାସ୍ତାରେ ବିଜୁ ଗୋଲେଇରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଧୂମ୍ରପାନ କରୁନଥିବା ବ୍ୟକ୍ତିଙ୍କୁ ମଧ୍ୟ ଫୁସଫୁସ କ୍ୟାନ୍ସର ହେବାର ଆଶଙ୍କା ରହିଛି

ଭୁବନେଶ୍ୱର: ପ୍ରତି ବର୍ଷ ଭାରତରେ ପାଖାପାଖି ୬୭,୦୦୦ ଫୁସଫୁସ କ୍ୟାନ୍ସର ରୋଗୀଙ୍କୁ ଚିହ୍ନଟ କରାଯାଉଛି । ଅନେକ ସମୟ ଧରି ବିଶ୍ୱାସ କରାଯାଉଥିଲା ଯେ ଧୂମ୍ରପାନ କରୁଥିବା କିମ୍ବା ଧୂମ୍ରପାନ ସହିତ ଅଭ୍ୟସ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ ହିଁ କେବଳ ଫୁସଫୁସ କ୍ୟାନ୍ସର ଦେଖାଦେଇଥାଏ । କିନ୍ତୁ ବର୍ତ୍ତମାନର ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆଦୌ ଧୂମ୍ରପାନ କରୁଥିନବା ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ଫୁସଫୁସ କ୍ୟାନ୍ସର ହେବାର ଆଶଙ୍କା ଥାଏ ଏବଂ କିଛି ନିର୍ଦ୍ଦିଷ୍ଟ ପ୍ରକାରର ଫୁସଫୁସ କ୍ୟାନ୍ସର ଯୁବପିଢ଼ୀ, ଧୂମ୍ରପାନ କରୁନଥିବା ବ୍ୟକ୍ତି ଏବଂ ମହିଳାମାନଙ୍କ କ୍ଷେତ୍ରରେ ଅତି ସାଧାରଣ । ସମସ୍ତ ଫୁସଫୁସ କ୍ୟାନ୍ସର ଗୁଡ଼ିକ ମଧ୍ୟରୁ ପ୍ରାୟତଃ ୮୫% କ୍ଷେତ୍ରରେ ନନ-ସ୍ମଲ ସେଲ ଲଙ୍ଗ କ୍ୟାନ୍ସର (ଏନଏସସିଏଲସି) ଦେଖାଯାଇଥାଏ। ଏହି ରୋଗ ଚିହ୍ନଟରେ ବିଳମ୍ବ ଦେଖାଯାଏ କାରଣ ଏହି କ୍ଷେତ୍ରରେ କୌଣସି ପ୍ରକାରର ପାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିନଥାଏ କିମ୍ବା ଏହାର ଲକ୍ଷଣ ଗୁଡ଼ିକ ଅନ୍ୟାନ୍ୟ ଇନେଫେକ୍ସନ କାରଣରୁ ହେଉଥିବାର ଭ୍ରମ କରାଇଥାଏ । ଏହି କାରଣରୁ ଏହାର ଚିକିତ୍ସା ଅଧିକ କଷ୍ଟକର ହୋଇଯାଏ। ୨୦୦୩ ମସିହା ପର୍ଯ୍ୟ' ନନ-ସ୍ମଲ ସେଲ ଲଙ୍ଗ କ୍ୟାନ୍ସର ରୋଗୀମାନଙ୍କ କ୍ଷେତ୍ରରେ କେମୋଥେରାପି ହିଁ ଏକମାତ୍ର ଚିକିତ୍ସା ଭାବେ ଉପଲବ୍ଧ ଥିଲା ଯାହା ବଞ୍ଚିବାର ସମ୍ଭାବନାକୁ ୮ରୁ ୧୦ ମାସ ପର୍ଯ୍ୟ' ବଢ଼ାଇପାରୁଥିଲା । ଯେବେକି ବର୍ତ୍ତମାନର ଚିକିତ୍ସାରେ ଅଗ୍ରଗତି ଯୋଗୁଁ ଟାର୍ଗେଟେଡ ଥେରାପି ମାଧ୍ୟମରେ ରୋଗୀର କେମୋଥେରାପିକୁ ଅଳ୍ପ ସମୟ ମଧ୍ୟରେ ସମ୍ପର୍ଣ୍ଣ କରାଯାଇପାରୁଛି ଏବଂ ବଞ୍ଚିବାର ସମ୍ଭାବନାକୁ ୪୫ମାସ ପର୍ଯ୍ୟ' ବଢ଼ାଯାଇପାରୁଛି ।ରୋଗ ଚିହ୍ନଟ ଏବଂ ଚିକିତ୍ସା କ୍ଷେତ୍ରରେ ବିକାଶ ସମ୍ପର୍କରେ ଭୁବନେଶ୍ୱର, ଆଇଏମଏସ ଏବଂ ସମ୍ ହସପିଟାଲ, ମେଡିକାଲ ଅନ୍‌କୋଲୋଜି ବିଭାଗର ଏମଡି, ଡିଏମ(ମେଡିକାଲ ଅନ୍‌କୋଲୋଜି)ଆସୋସିଏଟ ପ୍ରଫେସର ଏବଂ ଏଚଓଡି, ଡଃ ସୋମ୍ୟ ସୁରଥ ପଣ୍ଡା କହିଛନ୍ତି, 'ଏବେ ୩୦% ଏନଏସସିଏଲସି ରୋଗୀ ଟାର୍ଗେଟେଡ ଥେରାପିରୁ ଲାଭ ପାଇପାରୁଛନ୍ତି । ଏହି ପ୍ରକାରର ଚିକିତ୍ସା ପ୍ରଭାବଶାଳୀ ହୋଇଥିବା ବେଳେ ଅନ୍ୟ ପାରମ୍ପରିକ କେମୋଥେରାପି ତୁଳନାରେ ଏହାର ସ୍ୱଳ୍ପ ପାର୍ଶ୍ୱ ପ୍ରତିକ୍ରିୟା ରହିଥାଏ ।'ନୂଆ ଧରଣର ମ୍ୟୁଟେସନକୁ ଚିହ୍ନଟ କରିବା ପାଇଁ ଅନେକ ବୈଜ୍ଞାନିକ ଗବେଷଣା ଚାଲିଛି ଏବଂ ଉପଯୁକ୍ତ ଚିକିତ୍ସାର ସନ୍ଧାନ ପାଇଁ କ୍ଲିନିକାଲି କେତେକ ପରୀକ୍ଷଣ ମଧ୍ୟ କରାଯାଉଛି । ମୁଁ ଆଶାୟୀ ଯେ ଦିନେ ନା ଦିନେ ଅନ୍‌କୋଲୋଜିଷ୍ଟମାନେ ରୋଗୀମାନଙ୍କର ଚିକିତ୍ସା ବ୍ୟବସ୍ଥାକୁ ଭଲଭାବରେ ପରିଚାଳନା କରିପାରିବା ସହ ସେମାନଙ୍କ ମ୍ୟୁଟେସନ କୁ ଚିହ୍ନଟ କରିପାରିବେ, ବଞ୍ଚିବାର ଅବଧିକୁ ବଢ଼ାଇପାରିବେ ଏବଂ ଅନେକ ଜୀବନ ମଧ୍ୟ ବଞ୍ଚାଇପାରିବାରେ ସକ୍ଷମ ହେବେ ।

## ଭାରତରେ ଶୁଭାରମ୍ଭ ହେଲା ସାମସଙ୍ଗ ଗ୍ୟାଲେକ୍ସି ନୋଟ ୧୦ ଓ ଗ୍ୟାଲେକ୍ସି ୧୦+

ଭୁବନେଶ୍ୱର : ଭାରତର ସବୁଠାରୁ ବୃହତ୍ତ କୁମର ଇଲେକଟ୍ରୋନିକ ଓ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଆଜି ଗ୍ୟାଲେକ୍ସି ନୋଟ ୧୦ ଓ ଗ୍ୟାଲେକ୍ସି ୧୦+ର ଶୁଭାରମ୍ଭ କରାଯାଇଛି । ଏହା ଦୁଇଟି ଆକର୍ଷଣୀୟ ଏଭଂ ଶକ୍ତିଶାଳୀ ଫ୍ଲାଗସିପ ଡିଭାଇସ ଅଟେ, ଯାହାକି ଆଗାମୀ ପିଢିର ଉତ୍ପାଦକତା ଓ ସୃଜନଶୀଳତାକୁ ପରବର୍ତ୍ତି ସ୍ତରକୁ ନେବାରେ ସାହାଯ୍ୟ କରିବ । ଏହାର ବୈଶିଷ୍ଟ୍ୟତା ଦୃଷ୍ଟି କୋଣରୁ ଗ୍ୟାଲେକ୍ସି ନୋଟ ୧୦ ଦୁଇଟି ସାଇଜରେ ଆସୁଛି ।


185-C

13013/11/0005/1920



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray